ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Vol.26 . No.44 Bhubaneswar Tuesday March 21 2023 ୨୬ତମ ବର୍ଷ ସଂଖ୍ୟା–୪୪ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୧, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଚାଲାଣ ପୂର୍ବରୁ ସାଢ଼େ ୩ କୋଟିର ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୦।୩(ପି.ଏନ): ଚାଲାଣ ପୂର୍ବରୁ ସାଢ଼େ ୩ କୋଟି ଟଙ୍କା ଗଞ୍ଜେଇ ଜବତ। ଗଞ୍ଜେଇ ମାଫିଆ ଗିରଫ। କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ଡୁମ୍ବେରୀଖେତା ଗ୍ରାମରୁ ଏହି ବିପୁଳ ପରିମାଣର ଗଞ୍ଜେଇକୁ ଜବତ କରାଯାଇଛି। ଗ୍ରାମର କାର୍ତ୍ତିକେଶ୍ୱର ଦିଗାଲଙ୍କୁ ଗିରଫ କରାଯାଇଛି। ସେ ଘରେ ଏହି ନିଶା ଦ୍ରବ୍ୟକୁ ଲୁଚ଼ାଇ ରଖିଥିଲେ।ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଅଚ଼ାନକ ଚ଼ଢ଼ଉ କରିଥିଲା। ଏଠାରୁ ମୋଟ ୭ କୁଇଣ୍ଟାଲ ୧୦ କିଲୋ ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ କୋଟି ୫୦ ଲକ୍ଷ ଟଙ୍କା ହେବ।

ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକିଦେଲେ ପରୀକ୍ଷକ, ଭିଡିଓ ଭାଇରାଲ

ଭୁବନେଶ୍ୱର,୨୦।୩(ପି.ଏନ): ମାଟ୍ରିକ ପରିକ୍ଷାର୍ଥୀଙ୍କୁ ଉତ୍ତର ଡାକିଦେଲେ ପରୀକ୍ଷକ ସାଜିଥିବା ଶିକ୍ଷକ ଶିକ୍ଷୟିତ୍ରୀ। ଯାହାର ଭିଡିଓ ଭାଇରାଲ ହୋଇଛି। ଭାଇରାଲ ଭିଡିଓ ମଧ୍ୟରୁ ଗୋଟିଏ ନବରଙ୍ଗପୁର ଜିଲ୍ଲା ସଦର ବ୍ଲକର ବଡମସିଗା ସରକାରୀ ଉଚ୍ଚ ବିଦ୍ୟାଳୟର ବୋଲି ସ୍ପଷ୍ଟ ହୋଇଛି।ଉତ୍ତର ଡାକିଥିବା ଶିକ୍ଷୟିତ୍ରୀ ତାଙ୍କ ସ୍କୁଲର ବୋଲି ପ୍ରଧାନଶିକ୍ଷକ ହୃଷିକେଶ ମିଶ୍ର ମାନିଛନ୍ତି। ତେବେ ଏଭଳି ଭୁଲ ବିରୋଧରେ ପଦକ୍ଷେପ ନେବା ବଦଳରେ ଏହି ସମୟର ଭିଡିଓ କରିଥିବା ମହିଳାଙ୍କ ଘଟଣା ପଛରେ ମନ୍ଦ ଉଦ୍ଦେଶ୍ୟ ରହିଛି ବୋଲି ସେ କହିଛନ୍ତି।

ଗୃହ ବିଭାଗର ଶ୍ୱେତପତ୍ର: ରାଜ୍ୟରେ ୧୫% ବଢ଼ିଛି ଅପରାଧ, ୫୧ହଜାର ମାମଲାରେ ଚାର୍ଜସିଟ୍ ହୋଇନି

ଭୁବନେଶ୍ୱର,୨୦।୩(ପି.ଏନ): ରାଜ୍ୟରେ ୨୦୨୨ ମସିହାରେ ଧର୍ତ୍ତବ୍ୟ ଅପରାଧ ହାର ପ୍ରାୟ ୧୪.୬୫% ବୃଦ୍ଧି ପାଇଛି । ୨୦୨୧ରେ ରାଜ୍ୟରେ ମୋଟ ଧର୍ତ୍ତବ୍ୟ ଅପରାଧ ୧ଲକ୍ଷ ୫୫ହଜାର ୪୨୦ଟି ପଞ୍ଜିକୃତ ହୋଇଥିବାବେଳେ ୨୦୨୨ ମସିହାରେ ଏହି ସଂଖ୍ୟା ୧ଲକ୍ଷ ୭୮ହଜାର ୧୯୦କୁ ବୃଦ୍ଧି ପାଇଛି । ୨୦୨୧ ମସିହା ତୁଳନାରେ ୨୦୨୨ ମସିହାରେ ଅଧିକ ୨୨୭୭୦ଟି ଅଧିକ ଅପରାଧ ସଂଘଟିତ ହୋଇଛି । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା ବୋଲି ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ୨୦୨୨ ମସିହାର ଶ୍ୱେତପତ୍ରରେ ଦର୍ଶାଯାଇଛି ।ଗୃହ ବିଭାଗ ଶ୍ୱେତପତ୍ର ଅନୁସାରେ ରାଜ୍ୟରେ ୨୦୨୨ ମସିହାରେ ରୁଜୁ ହୋଇଥିବା ମୋଟ ୧.୭୮ଲକ୍ଷ ଧର୍ତ୍ତବ୍ୟ ଅପରାଧ ମଧ୍ୟରେ ୧୩୭୯ଟି ହତ୍ୟା, ୬୨୬ଟି ଡକାୟତି, ୨୯୯୮ଟି ଲୁଣ୍ଠନ, ୫୪୬୭ଟି ସିନ୍ଧିଚୋରି, ୧୪୮୯୩ଟି ଚୋରି, ୫୩୫୨ଟି ପ୍ରତାରଣା, ୨୨୪୮ଟି ଦଙ୍ଗା , ୩୧୮୪ଟି ଦୁଷ୍କର୍ମ, ୧୧୬୬୩ଟି ମୋଟରଯାନ ଦୁର୍ଘଟଣା ଓ ୧୩୦୩୮୦ଟି ବିବିଧ ମାମଲା ସାମିଲ ଅଛି । ତେବେ ୨୦୨୨ ମସିହାରେ ରୁଜୁ ହୋଇଥିବା ମୋଟ ୧,୭୮,୧୯୦ଟି ଧର୍ତ୍ତବ୍ୟ ଅପରାଧ ମଧ୍ୟରୁ ୧,୬୯,୭୩୫ଟି ମାମଲା ସତ ହୋଇଥିଲାବେଳେ ସେଥିରୁ ବର୍ଷ ଶେଷସୁଦ୍ଧା ମୋଟ ୧,୧୮,୫୪୭ଟି ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଛି । ଅର୍ଥାତ୍ ୫୧,୧୮୮ଟି ମାମଲାର ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହୋଇଛି ।

ସରିଲା ମାଟ୍ରିକ ପରୀକ୍ଷା :ଏପ୍ରିଲ୍ ୩ରୁ ଆରମ୍ଭ ହେବ ଖାତା ମୂଲ୍ୟାୟନ

କଟକ/ଭୁବନେଶ୍ୱର, ୨୦।୩ (ପି.ଏନ): ସୋମବାର ଦିନ ରାଜ୍ୟରେ ମାଟ୍ରିକ ପରୀକ୍ଷା ଶେଷ ହୋଇଛି । ଆଗାମୀ ଏପ୍ରିଲ୍ ୩ ତାରିଖରୁ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ ହେବ । ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେସନ ଅଫ ଓଡିଶା ପକ୍ଷରୁ ଏହି ସୂଚନା ଦିଆଯାଇଛି। ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ ସୂଚନା ଦେଇ କହିଛନ୍ତି ଯେ ୫୬ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ କରାଯିବ। ପରୀକ୍ଷା କେନ୍ଦ୍ରରୁ ମୂଲ୍ୟାୟନ କେନ୍ଦ୍ରକୁ ଖାତାଗୁଡ଼ିକ ସୁରକ୍ଷାରେ ଯିବ। ଆସନ୍ତା ୪୫ ଦିନ ମଧ୍ୟରେ ସଂପୂର୍ଣ୍ଣ ମୂଲ୍ୟାୟନ ପ୍ରକ୍ରିୟା ଶେଷ ହୋଇ ପରୀକ୍ଷା ଫଳ ପ୍ରକାଶ ପାଇବ। ସୂଚନାଯୋଗ୍ୟ, ୧୦ ତାରିଖରୁ ରାଜ୍ୟରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ପରୀକ୍ଷା ଦେଇଥିଲେ। ଆଜି ଶେଷଦିନରେ ଗଣିତ ପରୀକ୍ଷା ଥିଲା। ରାଜ୍ୟର ମୋଟ ୩୨୧୮ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯାଇଥିଲା।

ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ପ୍ରସଙ୍ଗକୁ ନେଇ ହଙ୍ଗଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର, ୨୦।୩(ପି.ଏନ): ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ ହେବା ପ୍ରସଙ୍ଗକୁ ନେଇ ଆଜି ବିଧାନସଭାରେ ବିରୋଧୀ ଦଳର ବିଧାୟକ ମାନେ ହଙ୍ଗଗୋଳ କରିବା କାରଣରୁ ପ୍ରଥମାର୍ଧ ବୈଠକରେ କୌଣସି କାମ ହୋଇ ପାରି ନାହିଁ । ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ସ୍ଥଗିତ ରଖିଛନ୍ତି । ଏହି କାରଣରୁ ଆଜି ଗୃହରେ ପ୍ରଶ୍ନୋତର କାର୍ଯ୍ୟକ୍ରମ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଆଦି କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ଆଜି ସକାଳେ ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ହେଲେ ବିରୋଧୀ ବିଜେପି ଓ କଂଗ୍ରେସର ବିଧାୟକ ମାନେ ମେଟ୍ରିକ ପରୀକ୍ଷାରେ ପ୍ରଶ୍ନ ପତ୍ର ଲିକ ହେବା ପ୍ରସଙ୍ଗ ଉଠାଇଥିଲେ । ସେମାନେ ଏହି ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଆସି ହଙ୍ଗଗୋଳ କରିଥିଲେ । ଏହି ପ୍ରସଙ୍ଗରେ ସେମାନେ ରାଜ୍ୟ ସରକାର ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କ ବିରୁଦ୍ଧରେ ନାରାବାଜୀ କରିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିରୋଧୀ ଦଳର ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତେବେ ଏହାର ପ୍ରଭାବ ବିରୋଧୀ ଦଳର ବିଧାୟକ ମାନଙ୍କ ଉପରେ ପଡି ନ ଥିଲା । ସେମାନେ ହଙ୍ଗଗୋଳ ଜାରୀ ରଖିଥିଲେ । ଏହା ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

ଓ୍ୱାଣ୍ଟେଡ୍ ଲିଷ୍ଟରୁ ବାଦ ପଡିଲେ ମେହୁଲ ଚୋକସି, ଏଣିକି ସବୁଆଡ ଯାଇ ପାରିବେ

ଭୁବନେଶ୍ୱର,୨୦।୩(ପି.ଏନ): ଭାରତ ଦ୍ୱାରା ପଳାତକ ଘୋଷିତ ବ୍ୟବସାୟୀ ମେହୁଲ ଚୋକିସଙ୍କୁ ବଡ ଆଶ୍ୱସ୍ତି ମିଳିଛି। ଇଣ୍ଟରପୋଲ ତାଙ୍କ ନାଁରେ ଜାରି କରିଥିବା ରେଡ କର୍ଣ୍ଣର ନୋଟିସକୁ ପ୍ରତ୍ୟାହାର କରି ନେଇଛି। ଏହାର ଅର୍ଥ ଆଉ ଅନ୍ତର୍ଜାତୀୟ ସ୍ତରରେ ଚୋକିସ ଓ୍ୱାଣ୍ଟେଡ୍ ଲିଷ୍ଟରେ ନାହାନ୍ତି। ତେଣୁ ସେ ବେଶ ଅନାୟଶରେ ବିଶ୍ୱର ଯେକୌଣସି ଦେଶକୁ ଯାତ୍ରା କରିପାରିବେ ବୋଲି ଖବର ପ୍ରକାଶ ପାଇଛି। କିନ୍ତୁ ଭାରତରେ ଥିବା ଇଣ୍ଟରପୋଲର ନୋଡାଲ ଏଜେନ୍ସି ପକ୍ଷରୁ ସିବିଆଇ କିମ୍ବା ଭାରତ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇନି।ମେହୁଲ ଚୋକିସ ନିକଟରେ ଆଣ୍ଟିଗୁଆ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ଏଥିରେ ଭାରତ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଆବେଦନରେ ସେ କହିଥିଲେ ଯେ ଦୁଇ ଜଣ ଭାରତୀୟ ଏଜେଣ୍ଟ ନିଜକୁ ର'ର ସଦସ୍ୟ କହି ତାଙ୍କୁ ଆଣ୍ଟିଗୁଆରୁ ଅପହରଣ କରି ନେଇଥିଲେ। ଏହାପରେ ତାଙ୍କୁ ୨୦୨୧ ଜୁନ ମାସରେ ବଳପୂର୍ବକ ଡୋମିନିକାରେ ଛାଡି ଦେଇଥିଲେ।

ଆବାସ ଯୋଜନାକୁ ସାତ ସପନ : ଭଙ୍ଗା କୁଡ଼ିଆରେ କଟୁଛି ସୁକାନ୍ତିଙ୍କ ଜୀବନ

ଚମ୍ପୁଆ, ୨୦।୩(ପି.ଏନ): ସରକାରଙ୍କ ଯୋଜନା ଉପରେ ଯୋଜନା ରହିଛି, କାର୍ଯ୍ୟକ୍ରମ ବି ଚାଲିଛି ହେଲେ ଏହା ଗରୀବର ଭାଗ୍ୟରେ ଜୁଟେନି। ଥିଲାବାଲା ଲୋକମାନେ କଳେ ବଳେ କୌଶଳେ ସରକାରୀ ଯୋଜନାର ଫାଇଦା ନେଉଥିବାବେଳେ ଗରିବ ପାଇଁ ସତେ ଯେମିତି ପାଲଟିଛି ସାତ ସପନ। ସରକାର ଆବାସ ଯୋଜନା ମାଧ୍ୟମରେ ସମସ୍ତ ବାସହୀନ ଗରିବ ଲୋକଙ୍କୁ ବାସଗୃହ ଯୋଗାଇ ଦେବା ଲକ୍ଷରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଯୋଜନା ମାନ କରିଛନ୍ତି। ହେଲେ ଥିଲାବାଲା ଲୋକମାନେ ଏହି ଯୋଜନାର ଫାଇଦା ଉଠେଇ ବିଲଡିଂ ଠିଆ କରୁଥିବାବେଳେ ଖରା, ବର୍ଷାରେ ଦୁଃଖ କଷ୍ଟରେ ମୁଣ୍ଡ ଗୁଞ୍ଜି ବଂଚୁଥିବା ଗରିବ ଲୋକଙ୍କ ପାଖରେ ସବୁ ଯୋଜନା ଅପହଂଚ ପାଲଟିଛି। ଚମ୍ପୁଆ ବ୍ଲକ, ବଡ଼ନଈ ପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର ସୁକାନ୍ତି ଲୋହାରଙ୍କ ପରି ଗରିବ ପରିବାର ଏହି ଯୋଜନାରୁ ବଂଚିତ ରହି ଭାଗ୍ୟକୁ ନିନ୍ଦିବା ପରି ଦୃଶ୍ୟ ଚମ୍ପୁଆ ବ୍ଲକରେ ଆବାସ ଯୋଜନା ବଂଟନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗମ୍ଭାରିଆ ଗ୍ରାମର ସୁକାନ୍ତି ଲୋହାର, ସ୍ୱାମୀ-ମକରୁ ଲୋହାର ଜଣେ ଦିନ ମଜୁରିଆ ଭାବେ ନିଜ ପରିବାର ପ୍ରତିପୋଷଣ କରନ୍ତି। ଭୂମିହୀନ ପରିବାର ହୋଇଥିବାରୁ ଗାଁ ମୁଣ୍ଡରେ ଏକ ନୁଆଁଣିଆ ଭଙ୍ଗା ଛପର ଘରେ ଦୁଇ ସନ୍ତାନକୁ ନେଇ ରହି ଆସୁଛନ୍ତି। ଚାରିପଟେ ଘରର କାନ୍ଥ ଫାଟି ଆଁ କରିଥିବାବେଳେ ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ଘର ମରାମତି କରିବାକୁ ସକ୍ଷମ ନହୋଇ ଭଙ୍ଗା ଘର ଉପରେ ଏକ ପଲିଥିନ ଟାଣି ରହୁଛନ୍ତି। ଫଟା କାନ୍ଥ ସହିତ ଭଙ୍ଗା ଚାଳ ଯୋଗୁଁ ସାଧାରଣ ବର୍ଷା ଟିକେ ହେଲେ ପର ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ଆବାସ ଯୋଜନାରେ ଘରଟିଏ ପାଇଁ ପଂଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି ନୟାନ୍ତ ହୋଇ ପଡ଼ିଥିଲେ ମଧ୍ୟ କୌଣସି ଲାଭ ମିଳିନି, ଚଳିତ ବର୍ଷ ଆବାସ ଯୋଜନା ଚୟନ ତାଲିକାରୁ ମଧ୍ୟ ବାଦ ପଡ଼ିବାରୁ ହତାଶ ହୋଇ ମକରୁ ନିଜ ଭାଗ୍ୟକୁ ନିନ୍ଦୁଥିବାର ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ ବଡ଼ନଈ ପଂଚାୟତର ପଂଚାୟତ ନିର୍ବାହୀ ଅଧିକାରୀ ଜୁଲି ସର୍ଦ୍ଦାରଙ୍କୁ ଯୋଗାଯୋଗ କରାଯିବାପରେ ମକରୁ ଲୋହାର ପାଇଁ ଯଥାଶୀଘ୍ର କିଛି ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି : ବିଜେପି

ଭୁବନେଶ୍ୱର, ୨୦।୩(ପି.ଏନ): ମାଟ୍ରିକ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ ହେବା ଅଭିଯୋଗରେ ବିଧାନସଭାରେ ହଙ୍ଗଗୋଳ ପରେ ରାଜ୍ୟ ସରକାର ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ଗୃହ ବାହାରେ ଅଭିଯୋଗ କରିଛନ୍ତି ବିଜେପି ବିଧାୟକ ମୋହନ ମାଝୀ । ସେ ଏହି ପ୍ରସଙ୍ଗରେ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ସେ କହିଛନ୍ତି ଯେ ଶାସକ ଦଳ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ଏଡାଇ ଯାଉଛି । ଏପରି କଲେ ମେଧାବୀ ଛାତ୍ରଙ୍କ ଭବିଷ୍ୟତ କ'ଣ ହେବ ବୋଲି ପ୍ରଶ୍ନ କରିଛନ୍ତି ।

ଜଙ୍ଗଲରେ ନିଆଁ ନ ଲାଗିବା ପାଇଁ ବଲାଙ୍ଗୀର ବନ ବିଭାଗର ସଚେତନତା

ବଲାଙ୍ଗିର, ୨୦।୩(ପି.ଏନ): ୨୦୨୩ ମସିହାରେ ଜଙ୍ଗଲରେ ନିଆଁ ନଲାଗିବା ପାଇଁ ବଲାଙ୍ଗୀର ବନ ବିଭାଗର ଲକ୍ଷ୍ୟ ପରିବେଶର ସୁରକ୍ଷା ପାଇଁ ସମ୍ପ୍ରଦାୟର ସମ୍ପୃକ୍ତିକୁ ଅଧିକ ଗୁରୁତ୍ୱ ଦେବ। ଏହି ଡିଭିଜନର ହିତାଧିକାରୀ ଗୋଷ୍ଠୀର ବ୍ୟାପକ ସମ୍ବେଦନଶୀଳତା ଦ୍ୱାରା ସମସ୍ତ ପ୍ରତିଷେଧକ ବ୍ୟବସ୍ଥା ବ୍ୟତୀତ ଏକ ମିଳିତ ପ୍ରୟାସ ଅଣାଯାଉଛି, ଯେପରି ଜିଲ୍ଲାର ଅନେକ ପକେଟରେ ନିଆଁ ଲାଗିଥାଏ। ଏକ ସମୟରେ ମହିଳା ସଂଗଠନର ସଦସ୍ୟମାନେ ସ୍ଥାନୀୟ ଲୋକଙ୍କ ସହ କାମ କରି ରାସ୍ତାରେ ନିଆଁ ଲିଭାଇଥିଲେ। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ତୁରେକେଲା ପଂଚାୟତ ସମିତି ସଭା ହଲରେ ଏକ କର୍ମଶାଳା ମାଧ୍ୟମରେ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଛାତ୍ର ଏବଂ ଗ୍ରାମବାସୀଙ୍କୁ ସମ୍ବେଦନଶୀଳ କରିଛି। ମୁଖ୍ୟ ଅତିଥି ଭାବରେ ତୁରେକେଲାର ସରପଂଚ ଜଲନ୍ଧର ମହାକୁଡ଼, ଜିଲ୍ଲା ପରିଷଦ ସଦସ୍ୟ କୌଶିକ ମେହେର, ତୁରେକେଲା ଅଶ୍ୱିନୀ ମେହେର ରାଜୀବ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମିଶନ ଶକ୍ତି, ବିଶ୍ୱଜିତ ସାମଲ, ସାମାଜିକ କର୍ମୀ ନିଧି ସ୍ୱାଇଁ, କଂଟାବାଞ୍ଜି ରେଞ୍ଜ ଅଧିକାରୀ ଶ୍ରଦ୍ଧାଦେବ ବଡ଼ମାଲି, ବଂଗୋମୁଂଡା ରେଞ୍ଜର ଜନାର୍ଦ୍ଦନ ଠାକୁର ଉପସ୍ଥିତ ଥିଲେ।ଏହି ସମୟରେ, ବହୁ ଭିଏସଏସ୍ ଏବଂ ଲୋକ ପ୍ରତିନିଧୀମାନେ ହରିଶଙ୍କର ରେଞ୍ଜରେ ଥିବା ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ସ୍ଥାନୀୟ ଅଗ୍ନି ଚ୍ୟାଲେଞ୍ଜର ମୁକାବିଲା ପାଇଁ ମିଶନ୍ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଶକ୍ତି ମଧ୍ୟ ନିୟୋଜିତ ହେଉଛି।

ଶ୍ରୀମନ୍ଦିରରେ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ, ୨୦।୩(ପି.ଏନ): ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହୋଇଯାଇଛି । ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିଥିଲା । ଆଜି ଚୈତ୍ରମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ନୀତି ଅନୁଷ୍ଠିତ ହୋଇଛି । ଦ୍ୱିତୀୟ ଭୋଗମଣ୍ଡପ ମଧ୍ୟାହ୍ନଭୋଗ ପରେ ଦଇତାପତି ସେବକମାନେ ରତ୍ନସିଂହାସନ ଉପରେ ମହାପ୍ରଭୁଙ୍କ ଏହି ଗୁପ୍ତ ନୀତି ସମ୍ପାଦନ କରିଥିଲେ । ଶ୍ରୀଜୀଉମାନଙ୍କ ଶ୍ରୀପୟର ସୁରକ୍ଷା ପାଇଁ ଏହି ନୀତିରେ ଶ୍ରୀପୟରକୁ ଧଳା କପଡ଼ାରେ ଘୋଡ଼ାଇ ଦିଆଯାଇଥାଏ । ହୋଲି ଖେଳିବା ଯୋଗୁ ଶ୍ରୀପକ୍ଷର ସୁରକ୍ଷା ପାଇଁ ଏହି ନୀତି ଅନୁଷ୍ଠିତ ହୋଇଛି । ଗତକାଲି ଠାରୁ ଦେଉଳକରଣ ଧଳା କନା ଧୋଇ ସୁଖାଇ ଗାରଦରେ ଜମା ଦେଇଥିଲେ । ଶୁଦ୍ଧସୁଆର କଇଥ ଅଠ ଦେଇଥିଲେ । ମଧ୍ୟାହ୍ନଧୂପ ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା । ବେହେରଣ ଦ୍ୱାର ଦେଇ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ । ଖସାପଡ଼ା ନୀତି ଶେଷ ହେବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ହୋଇଥିଲା ।

ଖଲିସ୍ତାନ ସମର୍ଥକଙ୍କ ଗୁଣ୍ଡାଗରଦ୍ଦି ବିରୋଧରେ ତାତିଲା ଶିଖ ସଂପ୍ରଦାୟ

ଖଲିସ୍ତାନ ସମର୍ଥକ ଲଣ୍ଡନରେ ଥିବା ଭାରତୀୟ କମିଶନର କାର୍ଯ୍ୟାଳୟରେ କରିଥିବା ଗୁଣ୍ଡାଗରଦ୍ଦିର ଜବାବ ଦେଇଛନ୍ତି ଭାରତରେ ରହୁଥିବା ଶିଖ ସଂପ୍ରଦାୟ। ଖଲିସ୍ତାନୀ ନେତା ଅମ୍ରିତପାଲ ଓ ତା'ର ସହଯୋଗୀଙ୍କ ବିରୋଧରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଏହା ପ୍ରତିବାଦରେ ଆଜି ଲଣ୍ଡନରେ ଥିବା ଭାରତୀୟ କମିଶନରେ ତା'ର ସମର୍ଥକମାନେ ଆତଙ୍କରାଜ ସୃଷ୍ଟି କରିଥିଲେ। ସେମାନେ ହାଇକମିଶନର କାର୍ଯ୍ୟାଳୟରେ ଲାଗିଥିବା ତ୍ରିରଙ୍ଗାକୁ କାନ୍ଦିବାକୁ ମଧ୍ୟ ଉଦ୍ୟମ କରିଥିଲେ। ଏଥିସହ କାର୍ଯ୍ୟାଳକୁ ପଥର ମାଡ କରିଥିଲେ। ଅମ୍ରିତପାଲକୁ ଖୋଲା ସମର୍ଥନ କରି ସେମାନେ ଏପରି ପଦକ୍ଷେପ ନେଇଥିଲେ। ଭାରତ ସରକାର ଏହାକୁ ବିରୋଧ କରୁଥିବା ବେଳେ ଏବେ ଶିଖ ସଂପ୍ରଦାୟର ଲୋକମାନେ ଖଲିସ୍ତାନୀ ସମର୍ଥକଙ୍କୁ ଉଚିତ ଜବାବ ଦେଇଛନ୍ତି। ନୂଆଦିଲ୍ଲୀରେ ଥିବା ବ୍ରିଟେନ ହାଇକମିଶନ ଆଗରେ ଆଜି ଶତାଧିକ ଶିଖ ସଂପ୍ରଦାୟର ଲୋକ ଏକାଠି ହୋଇ ଖଲିସ୍ତାନୀ ସପକ୍ଷବାଦୀଙ୍କୁ ବିରୋଧ ପ୍ରଦର୍ଶନ କରିଛନ୍ତି। ସେମାନେ ଲଣ୍ଡନରେ ହୋଇଥିବା ହିଂସାକାଣ୍ଡକୁ ନିନ୍ଦା କରିଛନ୍ତି। ଭାରତକୁ ଭାଙ୍ଗିବା ପାଇଁ ଖଲିସ୍ତାନ ସମର୍ଥକ ଚେଷ୍ଟା କରୁଥିବା ସେମାନେ କହିଛନ୍ତି।

ଆଦିବାସୀ ପିଲାଙ୍କ ତ୍ରାଣକର୍ତ୍ତା ସାଜିଛନ୍ତି ବାବାଜୀ ସାର୍, ଜାଳୁଛନ୍ତି ଶିକ୍ଷାର ଦୀପ

ଭୁବନେଶ୍ୱର,୨୦।୩(ପି.ଏନ): ଆଦିବାସୀ ପଲ୍ଲୀରେ କେବେ ଜଳୁନଥିଲା ଶିକ୍ଷାର ଦୀପ ! ଏବେ କିନ୍ତୁ ଦାଉ ଦାଉ ହୋଇ ଜଳୁଛି। ଆଉ ସେହି ଦୀପ ଜାଳୁଛନ୍ତି ବାବାଜୀ ସାର୍। ଗରିବ ଆଦିବାସୀ ପିଲାଙ୍କ ଜୀବନ ଗଢ଼ିବା ପାଇଁ ନିଜ ଯୌବନକୁ ଜଳାଞ୍ଜଳି ଦେଇଛନ୍ତି। ଆଉ ଗଢ଼ିବାରେ ଲାଗିପଡିଛନ୍ତି ପିଲାଙ୍କ ଭବିଷ୍ୟ। ସେମାନଙ୍କୁ କେବଳ ପାଠ ପଢ଼ା

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ପୁରାଣ କାହାଣୀ

ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍ କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

ଚା'ପତି ବଦଳରେ କୀଟନାଶକ, ୨ମୃତ

ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

ତୁଳା — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

ବିଛା — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

ଧନୁ — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

ମକର — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

କୁମ୍ଭ — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

ମୀନ — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ନରଗାଙ୍ଗ ପଞ୍ଚାୟତରେ ନୂତନ ପାନୀୟ ପ୍ରକଳ୍ପ ଉଦ୍‌ଘାଟିତ

ବାଙ୍କୀ (ପିଏନ୍)- ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ନରଗାଙ୍ଗ ପଞ୍ଚାୟତର ସରକାରଙ୍କ ତରଫରୁ ଲୋକମାନଙ୍କ ପାଇଁ ସ୍ୱଜଳ ଧାରା ଯୋଜନା ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବାବେଳେ ଏହି ପରିପ୍ରେକ୍ଷୀରେ ନରଗାଙ୍ଗ ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ଜଗଦେବଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ଉଦ୍‌ଘାଟକ ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ନୂତନ ପାନୀୟ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ବ୍ଲକ ଉପାଧ୍ୟକ୍ଷ ରେବତୀ ଜେନା ପ୍ରମୁଖ ଯୋଗଦେଇଥିଲେ ଓ ପଞ୍ଚାୟତର ବହୁ ଜନସାଧାରଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

ବାଙ୍କୀ ବିଧାୟକଙ୍କ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପ ଭୂମି ପୂଜା ଉତ୍ସବ

ବାଙ୍କୀ (ପିଏନ୍)-ବାଙ୍କୀ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତରେ ବିଲିତେନ୍ତୁଳିଆ ଗ୍ରାମର ଜଳେଶ୍ୱର ମନ୍ଦିର ପରିସରରେ ବ୍ଲକ ଦ୍ୱାରା ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ଅନୁଆରୀ ପଞ୍ଚାୟତର ସରପଞ୍ଚ ସଂଜୟ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ବ୍ରହ୍ମପୁରା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ସଦାସର୍ବଦା ଚେଷ୍ଟିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ସ୍ୱାଇଁ କଲ୍ୟାଣମଣ୍ଡପ ସଂପର୍କରେ ସୂଚନା ଦେଇଥିଲେ।

ଶାଳପଡା ପ୍ରିନ୍ସ କ୍ଲବ୍ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା କ୍ଷେତ୍ର ମୋହନ ଖେଳ ପଡିଆ ଠାରେ ପ୍ରିନ୍ସ କ୍ଲବ ପକ୍ଷରୁ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଂଚଳର ୧୨ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ଭାଟିସିରା ଓ ଭଗାନଈ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଭାଟିସିରା ଦଳ ବ୍ୟାଟିଂ କରି ୮ ଓଭରରେ ୮୧ରନ୍ କରିଥିଲା । ଏହାର ଜବାବରେ ଭଗାନଈ ଦଳ ନିର୍ଦ୍ଧାରିତ ୮ଓଭର ଖେଳି ୫୮ରନ୍ କରି ପରାଜିତ ହୋଇଥିଲା । ଉଦ୍‌ଘାଟନୀ ଖେଳରେ ମୁଖ୍ୟଅତିଥି ଭାବେ ବ୍ୟବସାୟୀ ରାମଚନ୍ଦ୍ର ପାଢୀ ଓ ସରୋଜ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅମ୍ପାୟାର ଭାବେ ରାଜେନ୍ଦ୍ର ଦାଶ ଓ ପୁପୁନ ଦାଶ ଖେଳକୁ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ସନାତନ ପତି, ସିତାଂଶୁ ଦାଶ, ଚିରିବ ଦାଶ, ସନ୍ତୋଷ ଶତପଥି, ଗୋଉରା, ରାଜା ପ୍ରମୁଖଙ୍କ ସହ ବହୁ ସଦସ୍ୟ ଖେଳକୁ ପରିଚାଳନା କରିଥିଲେ ।

ବିଶ୍ୱ ମାନବାଧିକାର ଆୟୁକ୍ତଙ୍କ ଦ୍ୱାରା ବହୁଦିନର ବିବାଦ ତୁଟିଲା

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଗ୍ରାମ ପଂଚାୟତର କଣ୍ଡରାପଶି ଗ୍ରାମରେ ବେଣୁଧର ମାଝୀ (ୱାର୍ଡମେମ୍ବର) ଓ ଗ୍ରାମ ମୁଖିଆ, ପୂଜକ ତଥା ଗ୍ରାମବାସୀଙ୍କ ମଧ୍ୟରେ ବହୁଦିନ ଧରି ସାମାନ୍ୟ କଥାକୁ ନେଇ ମନମାଳିନ୍ୟ ଲାଗି ରହିଥିଲା । ଏ ବିବାଦ ଏତେ ଉତ୍କଟ ହେଲାଯେ ବ୍ୟକ୍ତିଗତ ସ୍ତରରୁ ଯାଇ ଗୋଷ୍ଠୀଗତ ଆଡକୁ ଗଲା । ଫଳରେ ବେଣୁଧର ମାଝୀ ଉପାୟ ନପାଇ ସଦର ଥାନାରେ ଅଭିଯୋଗ କଲେ । ଥାନାରୁ ନ୍ୟାୟ ନପାଇ ବାଧ୍ୟ ହୋଇ ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରଙ୍କ ଦ୍ୱାରସ୍ଥ ହେଲେ । ଶ୍ରୀ ମାଝୀଙ୍କ ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀର ସହକାରେ ନେଇ ଆୟୁକ୍ତ ଗତ ୨୬ ତାରିଖ (ରବିବାର) ଦିନ ଗୋଟାଏ ବେଳେ ସମନ୍ୱୟ ବିଚାର ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଥିଲା । କଣ୍ଡରାପଶି ଗ୍ରାମ ପଂଚାୟତରେ ସ୍ଥାନୀୟ ସରପଂଚ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ମନୋମାଳିନ୍ୟର ଫଇସାଲା କରି ପରସ୍ପର ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଲିଖିତ ସ୍ୱୀକୃତି କରାଇଥିଲେ ଏବଂ ଉଭୟ ପକ୍ଷ ପରସ୍ପରଙ୍କୁ ମିଠା ଖୁଆଇ ବନ୍ଧୁତା ସୂତ୍ରରେ ବାନ୍ଧି ହେଲେ । କହିବା ବାହୁଲ୍ୟ ଯେ ଆମ ଜିଲ୍ଲାର ଶାନ୍ତିପ୍ରିୟ ଓ ସରଳ ଆଦିବାସୀ ଭାଇମାନେ ଖୁବ୍ ଜଟିଳ ଘଟଣାକୁ ଅତି ସହଜରେ ନେଇଥାନ୍ତି । ଆଉ ଆବଶ୍ୟକ ସ୍ଥଳେ ଅତି ସହଜ ଘଟଣାକୁ ଜଟିଳ ଭାବେ ମଧ୍ୟ ଗ୍ରହଣ କରିଥାନ୍ତି । ଫଳସ୍ୱରୂପ ସମୟୋଚିତ ପଦକ୍ଷେପ ନନେଲେ ଭବିଷ୍ୟତରେ ସାମାନ୍ୟ ଘଟଣା ମଧ୍ୟ ଭୟଙ୍କର ଆଇନ୍ ପରିସ୍ଥିତି ଉପୁଜାଇଥାଏ । ଏହି ଘଟଣାକୁ ନଜର ଅନ୍ଦାଜ ନକରି ବିଶ୍ୱ ମାନବାଧିକାର ଆୟୁକ୍ତ କେନ୍ଦୁଝରର ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମହିଳା ସଭାପତି ହେନା ସାହୁ, ଜିଲ୍ଲାର ବରିଷ୍ଠ ଆଇନଜୀବୀ ଚତୁର୍ଭୁଜ ହୋତା, ସମ୍ପାଦକ ସୟ କୁମାର ପଣ୍ଡା ଓ କାର୍ଯ୍ୟାଳୟର ସମନ୍ୱୟ ଅଧିକାରୀ ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉକ୍ତ ଘଟଣାର ସମାଧାନ ହୋଇଥିବା ଯୋଗୁଁ କଣ୍ଡରାପଶି ଗ୍ରାମବାସୀ ବିଶ୍ୱ ମାନବାଧିକାର ଆୟୁକ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ।

ସାମ୍ବାଦିକମାନଙ୍କ ବେଆଇନ ଗିରଫଦାରୀକୁ ନିନ୍ଦାକଲା ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ

ଭୁବନେଶ୍ୱର (ପିଏନ୍): ମାଲକାନଗିରିରେ ଅର୍ଗସ ପ୍ରତିନିଧିଙ୍କ ସହ ୪ଜଣ ସାମ୍ବାଦିକଙ୍କୁ ଗିରଫ ଘଟଣାରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସାମ୍ବାଦିକଙ୍କ ଉପରେ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ । ଯେଉଁ ସାମ୍ବାଦିକ ଗିରଫ ହୋଇଛନ୍ତି, ସେମାନେ ନକ୍ସଲ ନୁହଁନ୍ତି । ସେମାନଙ୍କୁ ଥାନାକୁ ଡ଼ାକି ଆଲୋଚନା କରିପାରିଥା'ନ୍ତେ । ପୋଲିସ୍ ମାଓବାଦୀ ଭଳି ରାତିଅଧରେ ଗିରଫ କରିବା ନିନ୍ଦନୀୟ । ରାତି ଅଧରେ ଫୋର୍ସ ଲଗାଇ ବଳପୂର୍ବକ ଗିରଫ କରିଛି ପୋଲିସ୍ । ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ଦାବି କରିଛି ମହାସଂଘ । ପୋଲିସ୍ ଚାପରେ ପଡ଼ି ସାମ୍ବାଦିକଙ୍କୁ ଗିରଫ କରି ଫରୱାର୍ଡ଼ କରିଛି । ସେଥିପାଇଁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦରକାର ବୋଲି ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘର ସଂଗଠନ ସମ୍ପାଦକ କେ. ବାଲାରାଜୁ ଆଜିର ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦାବି କରିଛନ୍ତି ।

ଶିରିଡ଼ି ସାଇ ବୁଲିବାକୁ ଯାଇ ବୃଦ୍ଧବ୍ୟକ୍ତିଙ୍କ ପତ୍ତା ମିଳୁ ନ ଥିବା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହରର ଚାଟରାପାଟଣା ଗ୍ରାମର ଜନୈକ ବୃଦ୍ଧବ୍ୟକ୍ତି ଶିରିଡ଼ି ସାଇ ବୁଲିବାକୁ ଯାଇଥିବା ବେଳେ ତାଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ହୋଇଛି । ସେହି ବ୍ୟକ୍ତି ହେଉଛନ୍ତି ମଧୁସୂଦନ ରାଉତ(୬୦) । ଗତ ବୁଧବାର ସନ୍ଧ୍ୟାରେ ସେ ପରିବାର ସହ ମୋବାଇଲରେ କଥା ହୋଇଥିଲେ । ସେ ପରିବାର ଲୋକଙ୍କୁ କହିଥିଲେ ଯେ ଏକ ପଙ୍କୁଆ ଜାଗାରେ ସେ ଫସି ଯାଇଛନ୍ତି । ତାଙ୍କୁ ଉଦ୍ଧାର କରିବା ପାଇଁ ଆଖପାଖରେ କେହି ନାହାଁନ୍ତି । ଏହା ଜାଣିବା ପରେ ପରିବାର ଲୋକେ ବିବ୍ରତ ହୋଇ ପଡିଥିଲେ । ପରିବାର ଲୋକେ କହିଛନ୍ତି ଯେ ଗତ ୨୧ ତାରିଖରେ କେତେକ ସାଇ ଭକ୍ତଙ୍କ ସହ ମଧୁସୁଦନ ଶିରିଡି ଯାଇଥିଲେ । ଏହାପର ଠାରୁ ତାଙ୍କର ପରିବାର ଲୋକଙ୍କ ସହ କୌଣସି ଯୋଗାଯୋଗ ହୋଇନଥିବା ସୂଚନା ମିଳିଛି । ଏକ ବ୍ୟବସାୟିକ ସଂସ୍ଥା ଲୋକମାନଙ୍କୁ ନେଇ ଶିରିଡି ବୁଲାଇବାକୁ ଯାଇଥିଲା । ତେଣୁ ଲୋକମାନେ କିପରି ସୁରକ୍ଷିତ ରହିବେ ସେ ଦାୟିତ୍ୱ ହେଉଛି ସଂପୃକ୍ତ ସଂସ୍ଥାର । ତେଣୁ ସଂପୃକ୍ତ ସଂସ୍ଥା କିପରି ଜାଣି ପାରିଲା ନାହିଁ ଯେ ମଧୁସୂଦନ ତାଙ୍କ ରୁମରୁ ବାହାରି କେଉଁଆଡେ ପଳାଇଲେ । ଏପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥା ମଧୁସୂଦନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି । ସଂପୃକ୍ତ ବୃଦ୍ଧ ମଧୁସୁଦନଙ୍କୁ ଉଦ୍ଧାର କରିବା ପାଇଁ ପରିବାର ପକ୍ଷରୁ ଟାଉନ୍ ଥାନାରେ ଅଭିଯୋଗ କରାଯାଇଛି । ସେହିପରି ଏହି ଘଟଣା ପ୍ରଚାରିତ ହେବା ପରେ ରାଜ୍ୟ ଖଦୀ ବୋର୍ଡର ପୂର୍ବତନ ଅଧକ୍ଷ ତେଜେଶ୍ୱର ପରିଡ଼ା ମଧ୍ୟ ଆରକ୍ଷୀ ଅଧୀକ୍ଷକଙ୍କୁ ତୁରନ୍ତ ପଦକ୍ଷେପ ପାଇଁ ନିବେଦନ କରିଛନ୍ତି ।

ରାସନକାର୍ଡ ହିତାଧିକାରୀଙ୍କୁ କୋଭିଡ ସହାୟତା ମଧ୍ୟବିତ୍ତଙ୍କୁ ଅଣଦେଖା ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): ରାସନକାର୍ଡଧାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଘୋଷଣା ପରେ ରାସନକାର୍ଡ ନଥିବା ମଧ୍ୟବିତ୍ତବର୍ଗଙ୍କୁ ସରକାର ଅଣଦେଖା କରୁଥିବା ମହାସଙ୍ଘ ଅଭିଯୋଗ କରିଛି । ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାସନକାର୍ଡଧାରୀମାନଙ୍କ ବ୍ୟାଙ୍କ ଆକାଉଁଟକୁ କୋଭିଡ ସହାୟତା ବାବଦ ଅର୍ଥ ଏକ ହଜାର ଟଙ୍କା ସିଧାସଳଖ ଯିବ । ଏ ବାବଦରେ ରାଜ୍ୟ ସରକାରଙ୍କ ୩୫୦କୋଟି ଟଙ୍କା ବ୍ୟୟ ହେବ । ଜତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ଏହି ସହାୟତା ରାଶି ଯୋଗାଇ ଦିଆଯିବ । କିନ୍ତୁ କୋଭିଡ ସମୟରେ ନିଜର ଜୀବନ ଜୀବିକା ହରାଇଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକ ଯାହାର କି ରାସନ କାର୍ଡ ନାହିଁ ସେମାନେ କଣ ସରକାରଙ୍କ ସାବତ ପୁଅ ବୋଲି ମହାସଙ୍ଘ ପ୍ରଶ୍ନ କରିଛି । କୋଭିଡ ଯୋଗୁଁ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ରାଜ୍ୟରେ ଲକ୍ଷ ଲକ୍ଷ ମଧ୍ୟବିତ୍ତ ଶ୍ରେଣୀର ଲୋକ ନିଜର ଜୀବିକା ହରାଇ ଏବେ ଦୁର୍ଦ୍ଦିନରେ ଜୀବନ କାଟୁଥିବା ବେଳେ ରାଜ୍ୟ ସରକାର ରାସନକାର୍ଡଧାରୀଙ୍କ ପାଇଁ ସହାୟତା ଘୋଷଣା ପଞ୍ଚାୟତ ନିର୍ବାଚନ ଜିତିବା ପାଇଁ ଏହା ସରକାରଙ୍କ ଏକ ନିର୍ବାଚନି ଚାଲ ବୋଲି ମହାସଙ୍ଘ ଅଭିଯୋଗ କରିଛି । କୋଭିଡ ସମୟରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ମଧ୍ୟବିତ୍ତ ବର୍ଗ । ତେଣୁ ସେହି ବର୍ଗର ଲୋକମାନଙ୍କୁ ରାସନକାର୍ଡ ଯୋଗାଇ ଦିଆଯିବା ସହ କୋଭିଡ ସହାୟତା ପ୍ରଦାନ କରାଯିବାକୁ ମହାସଙ୍ଘ ପକ୍ଷରୁ ରାଜ୍ୟ ସଭାପତି ପ୍ରଦିପ ମିଶ୍ର, ସମ୍ପାଦକ ହରେକୃଷ୍ଣ ପାତ୍ର, ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ବିଧୁଭୂଷଣ ମହାପାତ୍ର, ଆକାଶ ଦାସ, ଚିତ୍ତରଞ୍ଜନ ତରାଇ, ହରେକୃଷ୍ଣ ପଟ୍ଟନାୟକ, ସରୋଜ ରାଉତ ପ୍ରମୁଖ ଦାବି କରିଛନ୍ତି ।

ଜଳନ୍ଧର ଶକ୍ତିପୀଠ, ପଞ୍ଜାବ

ଜଳନ୍ଧର ଶକ୍ତିପୀଠ ବା 'ତ୍ରିପୁରମାଳିନୀ' ମନ୍ଦିର ହିନ୍ଦୁମାନଙ୍କ ପାଇଁ ଏକ ପ୍ରମୁଖ ଧାର୍ମିକ ସ୍ଥାନ ଭାବେ ପରିଚିତ। ଏହି ଶକ୍ତିପୀଠ ଦେବୀ "ତାଲାବ" ମନ୍ଦିର ପାଇଁ ଜଣାଶୁଣା। ଏହି ମନ୍ଦିର ଭାରତର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଜଳନ୍ଧରଠାରେ ଅବସ୍ଥିତ। ଏହି ମନ୍ଦିର ବହୁ ବର୍ଷର ପୁରୁଣା ବୋଲି କୁହାଯାଏ। ଏହି ମନ୍ଦିର ପାଖରେ ଥିବା ଏକ ପୋଖରୀକୁ ଅତି ପବିତ୍ର ବୋଲି ଗ୍ରହଣ କାରାଯାଏ।

ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହାଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠମାନଙ୍କ ମଧ୍ୟରେ "ଜଳନ୍ଧର ଶକ୍ତିପୀଠ" ବା ତାଲାବ ମନ୍ଦିର ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଂରଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହାପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସିପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱୟଂ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଛିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୨୧

ଡାରଉଇନ୍ ଦିବସ

ଗୋପୀନାଥ ଦାଶ

ଆଜି ଡାରଉଇନ୍ ଦିବସ। ୧୮୦୯ ଫେବୃଆରୀ ୧୨ ତାରିଖରେ ଏହି ପ୍ରକୃତି ବିଜ୍ଞାନୀ ଜନ୍ମ ହୋଇଥିଲେ। ତାଙ୍କର ପୁରା ନାଁ ଚାର୍ଲସ୍ ରବର୍ଟ ଡାରଉଇନ୍। ଅନ୍ ଦ ଅରିଜିନ୍ ଅଫ୍ ସ୍ପିସିଜ୍‌ର ଏହି ରଚୟିତା ପ୍ରାକୃତିକ ମନୋନୟନ ମାଧ୍ୟମରେ ପ୍ରାଣୀଙ୍କ ବିବର୍ତ୍ତନବାଦ ସିଦ୍ଧାନ୍ତ ପ୍ରଚଳନ କରିଥିଲେ। ପରେ 'ଦ ଡିସେଣ୍ଟ ଅଫ୍ ମ୍ୟାନ୍'ରେ ପ୍ରାଣୀଙ୍କ ବିବର୍ତ୍ତନବାଦକୁ ମଣିଷ ସହ ସଂଯୁକ୍ତ କରି ସେ ବିବାଦୀୟ ହୋଇଥିଲେ। ଭେଷଜ ବିଜ୍ଞାନ ପଢ଼ିବ ପାଇଁ ଡାରଉଇନ୍ ଏଡିନ୍‌ବରା ବିଶ୍ୱବିଦ୍ୟାଳୟରେ ଭର୍ତ୍ତି ହୋଇଥିଲେ। ତେବେ ଦୁଇ ବର୍ଷ ପରେ ପଢ଼ା ଛାଡ଼ି ଧର୍ମଯାଜକ ହେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। କେମ୍ବ୍ରିଜ୍ ଅନ୍ତର୍ଗତ କ୍ରାଏଷ୍ଟ କଲେଜ୍‌ରେ ଧର୍ମଯାଜକ ବନିବା ପାଇଁ ତାଲିମ ନେଇଥିଲେ। ହେଲେ ସେଥିରେ ମଧ୍ୟ ମନ ନ ଲାଗିବାରୁ ରୟାଲ୍ ନେଭିର 'ଏଚ୍‌ଏମ୍‌ଏସ୍ ବିଗଲ୍' ଜଳଜାହାଜରେ ଅବୈତନିକ ପ୍ରକୃତି ବିଜ୍ଞାନୀ ଭାବେ ଯୋଗ ଦେଇଥିଲେ। ତାଙ୍କର ଶିକ୍ଷାଗତ ଯୋଗ୍ୟତା ନଥିବା ସତ୍ତ୍ୱେ ବନ୍ଧୁମାନଙ୍କ ସହାୟତା ଏବଂ ପ୍ରଭରଣ ବିଦ୍ୟା (ଷ୍ଟଫିଙ୍ଗ)ରେ ଦକ୍ଷତା ଯୋଗୁଁ ତାଙ୍କୁ ଉକ୍ତ ପଦ ମିଳିଥିଲା। ତାଙ୍କର ପ୍ରଥମ ରଚନା ସାମୁଦ୍ରିକ ଶାମୁକା ଉପରେ ଆଧାରିତ ଥିଲା। 'ଅନ୍ ଦ ଅରିଜିନ୍ ଅଫ୍ ସ୍ପିସିଜ୍' ବହିଟି ପ୍ରଥମେ 'ଦ ଟ୍ରାନ୍‌ସମ୍ୟୁଟେସନ୍ ଅଫ୍ ସ୍ପିସିଜ୍' ନାମରେ ପ୍ରକାଶିତ ହୋଇଥିଲା ଏବଂ ପ୍ରକାଶନର ପ୍ରଥମ ଦିନରେ ହିଁ ସବୁଗୁଡ଼ିକ ବିକ୍ରି ହୋଇଯାଇଥିଲା। ତାଙ୍କ ଜୀବନ କାଳରେ ବହିଟିର ଛଅଟି ସଂସ୍କରଣ ପ୍ରକାଶିତ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, 'ଯୋଗ୍ୟତମର ଉଦ୍‌ବର୍ତ୍ତନ' ବା 'ସର୍ଭାଇଭାଲ ଅଫ୍ ଦ ଫିଟେଷ୍ଟ' ଖଣ୍ଡବାକ୍ୟର ସ୍ରଷ୍ଟା ଡାରଉଇନ୍ ନୁହଁନ୍ତି। ହର୍ବଟ ସ୍ପେନ୍‌ସର 'ପ୍ରିନ୍ସିପଲ୍‌ସ ଅଫ୍ ବାୟୋଲୋଜି'ରେ ଡାରଉଇନ୍‌ଙ୍କ ସିଦ୍ଧାନ୍ତ ବର୍ଣ୍ଣନା କଲା ବେଳେ ଏହି ଖଣ୍ଡ-ବାକ୍ୟ ଉପସ୍ଥାପନ କରିଥିଲେ। ଡାରୱିନ୍ ୧୯ ଏପ୍ରିଲ, ୧୮୮୨ରେ ୭୩ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ୯୦୯ରେ କେମ୍ବ୍ରିଜ୍ ଠାରେ ବିଜ୍ଞାନ କ୍ଷେତ୍ରରେ ଡାରୱିନ୍ ଯୋଗଦାନ ପାଇଁ ତାଙ୍କୁ ସମ୍ମାନ ଜଣାଇବାକୁ ୧୬୭ ଦେଶର ୪୦୦ରୁ ଅଧିକ ବୈଜ୍ଞାନିକ ଏକାଠି ହୋଇଥିଲେ। ୧୨ ଫେବୃଆରୀ, ୧୯୦୯ରେ ନ୍ୟୁୟର୍କ ଏକାଡ଼େମୀ ଅଫ୍ ସାଇନ୍ସ ଦ୍ୱାରା ଆମେରିକାନ୍ ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରୀ ଠାରେ ଡାରୱିନ୍‌ଙ୍କ ୧୦୦ତମ ଜନ୍ମ ଦିବସ ତଥା ତାଙ୍କ ବହି 'ଅନ୍ ଦ ଅରିଜିନ୍ ଅଫ୍ ସ୍ପାଇସିଜ୍'ର ୫୦ ବାର୍ଷିକୀ ଉତ୍ସବ ପାଳିତ ହୋଇଥିଲା।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ,
ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ଦୂରଭାଷ : ୮୮୯୫୨୯୬୧୬୭

ସ୍ୱାମୀ ଦୟାନନ୍ଦ ସରସ୍ୱତୀ

ବାଦଲ ଭୂୟାଁ

ଆର୍ଯ୍ୟ ସମାଜ ପ୍ରତିଷ୍ଠାତା ସ୍ୱାମୀ ଦୟାନନ୍ଦ ସରସ୍ୱତୀ। ସେ ଏକାଧାରରେ ଜଣେ ଲେଖକ, ହିନ୍ଦୁ ଧର୍ମଗୁରୁ ଓ ସମାଜ ସଂସ୍କାରକ। ସଂସ୍କୃତ ଓ ହିନ୍ଦୀ ଭାଷାରେ ଜଣେ ପ୍ରଭାବଶାଳୀ ବକ୍ତା। ୧୮୭୬ରେ ସେ ପ୍ରଥମେ ସ୍ୱରାଜର ଡାକରା ଦେଇଥିଲେ। ମୃତକଙ୍କୁ ଶ୍ରାଦ୍ଧ ତର୍ପଣ ନଦେଇ ଜୀବିତ ପିତାମାତା ଓ ବୃଦ୍ଧ ବ୍ୟକ୍ତିଙ୍କୁ ସେବା କରିବାକୁ ପିତୃଯଜ୍ଞ କୁହାଯାଏ ବୋଲି ଦୟାନନ୍ଦ ସରସ୍ୱତୀ କହୁଥିଲେ। ଆର୍ଯ୍ୟ ସମାଜ ଜରିଆରେ ଶିକ୍ଷାର ପ୍ରସାର କରାଇ ନାରୀକୁ ପୁରୁଷ ସହ ସମାନ ଅଧିକାର ଦେବାର ଯୁକ୍ତି ସେ ଦର୍ଶାଇଥିଲେ। ଦାର୍ଶନିକ ତଥା ଭାରତର ରାଷ୍ଟ୍ରପତି ଏସ୍.ରାଧାକ୍ରୀଷ୍ଣନ୍ ତାଙ୍କୁ ଆଧୁନିକ ଭାରତର ନିର୍ମାତା ବୋଲି ସମ୍ବୋଧନ କରିଥିଲେ। ଦୟାନନ୍ଦ ଓ ତାଙ୍କ ପରିବାର ଥିଲେ ଭଗବାନ ଶଙ୍କରଙ୍କ ଭକ୍ତ। ଈଶ୍ୱର ପ୍ରାପ୍ତି ଉଦ୍ଦେଶ୍ୟରେ ମାତ୍ର ୧୫ ବର୍ଷ ବୟସରେ ସେ ଗୃହତ୍ୟାଗ କରିଥିଲେ। ମଥୁରାର ବିରଜାନନ୍ଦ ସରସ୍ୱତୀଙ୍କୁ ଗୁରୁ କରି ତାଙ୍କ ତତ୍ତ୍ୱାବଧାନରେ ସମସ୍ତ ବେଦ ଅଧ୍ୟୟନ କଲେ। ବେଦାଧ୍ୟୟନ ଓ ତା'ର ଗୂଢ଼ ଅର୍ଥ ବ୍ୟାଖ୍ୟାରୁ ତାଙ୍କ ଗଭୀର ଜ୍ଞାନର ପରିଚୟ ମିଳିଲା। ବଡ଼ ବଡ଼ ପଣ୍ଡିତଙ୍କ ସହ ତର୍କ ଆଲୋଚନାରେ ସେ ବିଜୟୀ ହେଲେ। ତାଙ୍କୁ ସରସ୍ୱତୀ ଉପାଧି ସହିତ ସ୍ୱାମୀଜୀ ଆଖ୍ୟା ମଧ୍ୟ ମିଳିଲା। ମୂର୍ତ୍ତିପୂଜାକୁ ସେ ବିରୋଧ କରୁଥିଲେ। ସେଥିପାଇଁ ମୌଳବାଦୀମାନଙ୍କର ଅପ୍ରିୟାଭଜନ ହୋଇଥିଲେ। ବାଲ୍ୟ ବିବାହ ପ୍ରଥାର ଘୋର ବିରୋଧୀ ଥିଲେ। ୧୮୮୩ ଅକ୍ଟୋବର ୩୦ରେ ତାଙ୍କର ପରଲୋକ ହୋଇଥିଲା। ସ୍ୱାମୀ ଦୟାନନ୍ଦଙ୍କ ରଚନାବଳୀ ମଧ୍ୟରୁ ୧୮୭୫ରେ ପ୍ରକାଶିତ ସତ୍ୟାର୍ଥ ପ୍ରକାଶ ଦୁଇ ଭାଗରେ ବିଭକ୍ତ। ଅନ୍ୟ ପୁସ୍ତକ ମଧ୍ୟରେ ସନ୍ଧ୍ୟା, ଭାଗବତ ଖଣ୍ଡନ, ପଞ୍ଚମହାଯଜ୍ଞ ବିଧି, ବେଦଭାଷ୍ୟ, ସଂସ୍କାରବିଧି, ସତ୍ୟ-ଧର୍ମ ବିଚାର ଆଦି ଅନ୍ୟତମ। ୧୮୨୪ ଫେବୃଆରୀ ଆଜିର ଦିନ ସୌରାଷ୍ଟ୍ରର ମୋରଜୀ ନାମକ ଦେଶୀୟ ରାଜ୍ୟର ଏକ ଗ୍ରାମରେ ଧନୀ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ଼, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

ପ୍ରଣୟ ପରମ ବେଦଃ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି - ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ। ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ। ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ। ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ସାରକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ। ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ୍ୟ ତାହା ପାଖକୁ ଯାଅନାହିଁ। ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ। ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ। ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ। ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ। ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ। ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ଦେହଘସା ହୁଅ ନାହିଁ। ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଞ୍ଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ। କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି। ବିଷ ଅମୃତ ହୋଇଗଲା। ଆଉ ମା' କେବଳ ମା' - କାମିନୀ ନୁହେଁ। ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ। ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ। ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ। ସୃଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ। ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି। ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି। ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ। ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ। ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ। ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର। ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍-ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ। ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ। ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ। ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ୍ତ। ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଞ୍ଚିଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଈଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ। ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିନ୍ତ ଭାବରେ ଅଚିନ୍ତନୀୟ। ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଈଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ। ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ। ଗୁରୁ-ଶିଷ୍ୟ, ଈଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା। ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା। ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ।

ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,
କଟକ,
ଦୂରଭାଷ : ୯୪୩୭୦୫୧୯୫୭

ରାମକଥା ଓ ବିଭିନ୍ନ ଭାଷାରେ ରାମ ସାହିତ୍ୟ

ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍କମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ, ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି। ଭାରତୀୟ ସଂସ୍କୃତି ଓ ଧର୍ମଧାରଣାର ମୌଳିକ ଭିତ୍ତିଭୂମି ହେଉଛି ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ। ପୁରାଣ ଓ ଅନ୍ୟାନ୍ୟ ଦର୍ଶନଶାସ୍ତ୍ର ଧର୍ମ ଆଧାରିତ। ରାମାୟଣ ହେଉଛି ଏକ ଶାଶ୍ୱତ ଅମର କାବ୍ୟ। ମନୁଷ୍ୟ ପ୍ରାଣର ପ୍ରେରଣା ପାଇଁ ଆଧ୍ୟାତ୍ମିକ ମାର୍ଗର ଉନ୍ନତି ପାଇଁ, ଜୀବନର ମାର୍ଗ ଦର୍ଶନ ପାଇଁ ତତ ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି ସଂପର୍କରେ ଅବହିତ ହେବା ପାଇଁ ରାମାୟଣର ପ୍ରୟୋଜନ ଏକାନ୍ତ ଅପରିହାର୍ଯ୍ୟ। ରାମାୟଣ ଓ ମହାଭାରତର ଆଦର୍ଶ ଆମ ଭାରତ ବର୍ଷରେ ଥିବା ବର୍ଣ୍ଣବୈଷମ୍ୟ ଭିନ୍ନ ଭିନ୍ନ ଭାଷା ତଥା ବିଭିନ୍ନ ରୁଚିର ବିଶାଳ ଜାତିକୁ ଏକାଠି ବାନ୍ଧି ରଖିପାରିଛି। ସେହି ଦୃଷ୍ଟିରୁ ମୁନି ବାଲ୍ମୀକି ଆମ ନିକଟରେ ଚିର ନମସ୍ୟ।

ପଞ୍ଜାବୀ ସାହିତ୍ୟରେ ରାମକଥା : ଭାରତରେ ଅନ୍ୟାନ୍ୟ ସାହିତ୍ୟ ପରି ପଞ୍ଜାବୀ ଭାଷାରେ ରାମାୟଣ ବିଶେଷ ଭାବରେ ରଚିତ। ଗୁରୁଗୋବିନ୍ଦ ସିଂହ ତାଙ୍କ କାବ୍ୟରେ ସତୀ ସୀତାଙ୍କୁ ଶ୍ରେଷ୍ଠ ଆସନ ପ୍ରଦାନ କରିଛନ୍ତି। ପଞ୍ଜାବୀ ଭାଷାରେ ରାମାୟଣର ଅଭାବକୁ ଅନୁଭବ କରି ଅମରନାଥ ଚୋପ୍ରା ପ୍ରଥମେ ରାମାୟଣ ରଚନା କଲେ। ସେ ବାଲ୍ମିକୀ ରାମାୟଣକୁ ପଞ୍ଜାବୀ ଭାଷାରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଦିନଲାଲ ଶାସ୍ତ୍ରୀ (୧୮୫୩)ରେ ରାମକଥା ଏବଂ ରାମଗୀତ ରଚନା ହୋଇଛି। ଅତି ସହଜ ସରଳ ତରଳ ଭାଷା ଓ ସାବଲୀଳ ଭଙ୍ଗୀରେ ଏହା ରଚିତ ହୋଇଛି। ୧୮୯୪ ଜ୍ଞାନୀ ସନ୍ତସିଂହ ସତୀକ ତୁଳସୀ ରାମାୟଣ ପଞ୍ଜାବୀ ଭାଷାରେ ବିଶେଷ ଜନାଦୃତ। ଜ୍ଞାନୀ ଈଶ୍ୱରସିଂହ ତୁଳସୀ ଦାସଙ୍କ ରାମଚରିତକୁ 'କବିତାବଳୀ ରାମାୟଣ' ନାମରେ ଅନୁବାଦ କରିଛନ୍ତି। ପଞ୍ଜାବର ପାରିବାରିକ ଜୀବନ ତଥା ସାମାଜିକ ଜୀବନ ଧାରା ଉପରେ ରାମକଥାର ପ୍ରଭାବ ପରିଲକ୍ଷିତ ହୋଇଥାଏ।

କାଶ୍ମୀର ସାହିତ୍ୟରେ ରାମକଥା : କାଶ୍ମୀର ଭାଷା ଓ ସାହିତ୍ୟରେ ରାମାୟଣର ପ୍ରଚାର ଓ ପ୍ରସାର ବହୁଳ ଭାବରେ ପରିଲକ୍ଷିତ ହୁଏ। ରାମଚନ୍ଦ୍ରଙ୍କ 'ରାମାୟଣ ମଞ୍ଜରୀ' କାଶ୍ମୀରରେ ବିଶେଷ ଜନପ୍ରିୟ। ଏହାର ରଚନାଶୈଳୀ, ବର୍ଣ୍ଣନା ଚାତୁରୀ ତଥା କଳ୍ପନା ବିଳାସ ଆଦି କବି ବାଲ୍ମିକୀଙ୍କ ଠାରୁ ଉନ୍ନତ ଓ ପରିମାର୍ଜିତ। କାଶ୍ମୀରରେ ମୋଗଲମାନଙ୍କ ରାଜତ୍ୱ ସମୟରେ ପର୍ଶିୟାନ ମାନଙ୍କ ଦ୍ୱାରା ରାମାୟଣ ବହୁଳ ଭାବରେ ପ୍ରଚାରିତ ହୋଇଥିଲା। ଏହି ସବୁ ରାମାୟଣ ମଧ୍ୟରେ ବହୁବିଧ ଉପାଖ୍ୟାନକୁ ଅବଲମ୍ବନ କରି 'କାଶ୍ମୀର ରାମାୟଣ', 'ମସିହା ରାମାୟଣ' ଓ 'ପ୍ରକାଶ ରାମାୟଣ' ପ୍ରଭୃତି କାଶ୍ମୀର ସାହିତ୍ୟରେ ବିଶେଷ ଲୋକପ୍ରିୟ। କାଶ୍ମୀରର ବିଭିନ୍ନ ସ୍ଥାନ ଓ ଲୋକ ସମାଜରେ ରାମଚରିତ ମାନସ ଓ ରାମଲୀଳାର ପ୍ରଚଳନ ଥିବାର ଜଣାଯାଏ। ରାମାୟଣର ବିଭିନ୍ନ କଥାବସ୍ତୁକୁ ଆଧାର କରି କାଶ୍ମୀରରେ ବିଭିନ୍ନ ଲୀଳା ସାହିତ୍ୟର ସୃଷ୍ଟି। ୧୮୪୩ ଖ୍ରୀ.ଅ.ରେ ମହାରାଜା ରଣଭୀର ସିଂହଙ୍କ ଦ୍ୱାରା ରଚିତ 'ଶଙ୍କର ରାମାୟଣ' କାଶ୍ମୀରର ପ୍ରଥମ ରାମାୟଣ ରୂପେ ସ୍ୱୀକୃତିପ୍ରାପ୍ତ। ୧୮୪୬ରେ ରଚିତ 'ପ୍ରକାଶ ରାମାୟଣ' ରୋମାନ ଦେବନାଗରୀ ଏବଂ ପର୍ଶିୟାନ ଲିପି ମାଧ

ବରୁଣେଇ ପୀଠରେ ଗାଁ ସାଥି ଖୋର୍ଦ୍ଧା ଜିଲ୍ଲାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା ,(ପି.ଏନ): ସୋମବାର ମଧ୍ୟାହ୍ନରେ ଖୋର୍ଦ୍ଧା ଜିଲ୍ଲା ମା ବରୁଣେଇ ପୀଠରେ ଜିଲ୍ଲା ସଭାପତି ମାୟାଧର ବେହେରାଙ୍କ ସଭାପତିତ୍ୱରେ ୧୦ ଟି ବ୍ଲକର ପ୍ରମୁଖ କର୍ମକର୍ତ୍ତାମାନେ ଯୋଗ ଦେଇ ସାଂଗଠନିକ ଉପରେ ଆଲୋଚନା ସହିତ ଗାଁ ସାଥି ୨୦୦୮ ମସିହାରୁ ପ୍ରତ୍ୟକ ରାଜସ୍ୱ ଗ୍ରାମରେ ନିଯୁକ୍ତି ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ସେମାନଙ୍କ ପାଇଁ କୌଣସି ସୁବିଧା କରି ନଥିବାରୁ ଦୁଃଖ ପ୍ରକାଶ କରିଥିଲେ । ତେଣୁ ସରକାର ସେମାନଙ୍କ ନାର୍ଯ୍ୟ ଦାବି ଗାଁ ରେ କାମ,ମାସିକ ପୋଷ୍ଟାହନ,ଉତ୍ତମ ପ୍ରଶିକ୍ଷଣ, ପରିଚ୍ୟ ପତ୍ର ଉପରେ ଦୃଷ୍ଟି ଦେବାକୁ ସଙ୍ଗ ଆଜି ଉତଥାପନ କରିଥିଲେ । ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମ ଚାରୀଙ୍କୁ କିଛି କିଛି ପାରିଶ୍ରମିକ ବ୍ୟବସ୍ଥା କରୁଛନ୍ତି ସେହି ଭଳି ଗାଁ ସାଥୀ ମାନେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମନରେଗା କାର୍ଯ୍ୟରେ ଶ୍ରମିକମଙ୍କୁ କାର୍ଯ୍ୟରେ ଲଗାଇ ସୁଚ଼ର ରୂପେ ପାରିଶ୍ରମିକ ପାଇବା ନେଇ ବ୍ୟାଙ୍କରେ ସିଧା ସଳଖ ଖାତାକୁ ଟଙ୍କା ପାଇବାର ସୁବିଧା କରାଇ ଥାଏ । କୋଭିଡ ସମୟରେ ଭୟରେ ଲୋକମାନେ ପଦାକୁ ବାହାରୁ ନଥିବା ବେଳେ ଗାଁ ସାଥୀ ନିଜ ଜୀବନକୁ ବାଜି ଲଗାଇ ଓଡ଼ିଶାରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକ ମାନଙ୍କୁ ନିଜନିଜ ପଞ୍ଚାୟତରେ କାର୍ଯ୍ୟ କରାଇ ଥିଲେ । ତେଣୁ ମାନ୍ୟବର ମୁଖ୍ୟ ନବିନ ପଟ୍ଟନାୟକ ନିଶ୍ଚିତ ଗାଁ ସାଥିର ପେଟ ପାଟଣା ପାଇଁ କିଛି ପାରିଶ୍ରମିକ କରିବେ ବୋଲି ଅଶା ପ୍ରକଟ କରିଛନ୍ତି । ଅନ୍ୟମଙ୍କ ମଧ୍ୟରେ ସମ୍ପାଦିକା ସିମାରଣି ପ୍ରଧାନ, ତପନ ପଟନାୟକ , କ୍ଷୀରୋଦ ସାହୁ , ଦୀନବନ୍ଧୁ ଭୋଇ, ଧଡୁ ସେଠୀ, ସାଗର ପଲେଇ, ଗୋପାଳକୃଷ୍ଣ ପ୍ରଧାନ ବୈଠକରେ ଉପସ୍ଥିତ ଥିବାବେଳେ ଶେଷରେ ସମ୍ପାଦିକା ସୀମାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

ଆଗ୍ନିକ ସଚ୍ଚିଦାନନ୍ଦ ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା

ଭୁବନ,(ପି.ଏନ): ପୁରୀ ବଡଦାଣ୍ଡ ସ୍ଥିତ ଲକ୍ଷ୍ମୀ ମାର୍କେଟ କଂପ୍ଲେକ୍ସ ଅଗ୍ନିକାଣ୍ଡ ଘଟଣାରେ ଆଗ୍ନିକ ସଚ୍ଚିଦାନନ୍ଦ ପୃଷ୍ଟିଙ୍କୁ ଅଗ୍ନିଶମ ଡିଜିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଷ୍ଟ୍ରାଇକିଙ୍ଗ ଫାୟାର ଫୋର୍ସ ଭାବେ କାର୍ଯ୍ୟ କରୁଥିବା ଭୁବନ ଏନଏସି ଅନ୍ତର୍ଗତ ନମ୍ବର ୱାର୍ଡ ନୂଆଭୁବନ ବାସିନ୍ଦା ସଚ୍ଚିଦାନନ୍ଦ ପୃଷ୍ଟି ପୁରୀ ଅଗ୍ନିକାଣ୍ଡରେ ନିର୍ଦ୍ଦେଶ ପାଇ ସାହସିକତାର ସହ କାନ୍ଧରେ ଅକ୍ସିଜେନ ସିଲିଣ୍ଡର ନେଇ ଭିତରକୁ ଯାଇ ନିଆଁ ଲିଭାଇଥିଲେ । ଏହି ସମୟରେ ଘରର ସିଲିଙ୍ଗ ତାଙ୍କ ଉପରେ ଗଳି ପଡିଥିଲା ଓ ସେ ଶ୍ୱାସରୁଦ୍ଧ ହୋଇ ଆହତ ହୋଇଥିଲେ । ଚିକିତ୍ସା ପରେ ସୁସ୍ଥ ହୋଇ ଫେରିବା ପରେ ଅଗ୍ନିଶମ ଡିଜିଙ୍କ କାର୍ଯ୍ୟାଳୟରେ ଡିଜି ସନ୍ତୋଷ ଉପାଧ୍ୟାୟ , ଡିଆଇଜି ଚରଣ ସଂ ମିନା, ଚିଫ ଫାୟାର ଅଫିସର ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଶ୍ରୀ ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ପ୍ରଶଂସାପତ୍ର (ଡିଜି ଡିସ୍କ ପୁରସ୍କାର) ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀ ପୃଷ୍ଟିଙ୍କ ସମେତ ଅନ୍ୟ ୫ ଜଣଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

କନ୍ଧମାଳ ସାମ୍ବାଦିକ ୟୁନିୟନର ଦ୍ୱିବର୍ଷକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ଦ୍ୱି ବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ବିଜୁ କଲ୍ୟାଣ ମଣ୍ଡପ ଫିରିଙ୍ଗିଆ ଠାରେ ଅନୁଷ୍ଠିତ ହୋଇଛି । ବୈଠକରେ ମୁଖ୍ୟ ଅତିଥି ଭାବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ, ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ, ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସମ୍ପାଦକ ଅଶୋକ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ପ୍ରଥମ ଅଧିବେଶନ ରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ମଧ୍ୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ, ଫିରିଙ୍ଗିଆ ଥାନା ଅଧିକାରୀ ତପନ କୁମାର ନାହାକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସମ୍ପାଦକ ଇଂ ହରି ଶଙ୍କର ରାଉତ, ବରିଷ୍ଠ କଳାକାର ପ୍ରଶାନ୍ତ କୁମାର ନାୟକ, ଫିରିଙ୍ଗିଆ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢୀ, ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସିଂ, ବାଲିଗୁଡା ବନ ବାସି ସେବା ସମିତିଙ୍କ ସମେତ ୟୁନିୟନର ସମସ୍ତ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନୂତନ କର୍ମକର୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ବାଚନ ଅଧିକାରୀ ଭାବେ ରାଜ୍ୟ ସମ୍ପାଦକ ଅଶୋକ ନନ୍ଦ ନିର୍ବାହ କରିଥିଲେ। ଏହି ଅବସରରେ କନ୍ଧମାଳ ଜିଲ୍ଲା ସାମ୍ବାଦିକ ୟୁନିୟନର ନୂତନ ସଭାପତି ଭାବେ ଅଶୋକ ମହାନ୍ତି,ସାଧାରଣ ସମ୍ପାଦକ ଭାବେ ଅଶିତ ବେହେରା, କାର୍ଯ୍ୟକାରି ସଭାପତି ଭାବେ ପ୍ରଶାନ୍ତ ବେହେରା,ଉପ ସଭାପତି ଭାବେ ପ୍ରଦୀପ କୁମାର ବେହେରା ପ୍ରବୀଣ କୁମାର ପଟ୍ଟନାୟକ, ଉତମ ଖମାରୀ, ସହ ସମ୍ପାଦକ ଭାବେ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଅଜିତ କୁମାର ନାୟକ, ବିପ୍ର ଚରଣ ସାହୁ, କୋଷାଧ୍ୟକ୍ଷ ଭାବେ ଭଗବତ ପ୍ରସାଦ ସାବତ, କଲ୍ୟାଣ ପାଣ୍ଡି ଅଧ୍ୟକ୍ଷା ଅନନ୍ତ କୁମାର ଦିଗାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ କିଶୋର ବେହେରା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ର ଚରଣ ମାନସେଠ,କାର ?ୟକାରିଣୀ ସଦସ୍ୟ ଭାବେ ଆଦିତ୍ୟ ପ୍ରସାଦ ପାଢ଼ୀ, ଅରୁଣ କୁମାର ସାହୁ, ମନୋଜ କୁମାର ଗୌଡ଼, ସୁବ୍ରତ ମହାନ୍ତି, ଦୀପକ କୁମାର ପାରାସେଠ,ମକର ଧ୍ୱଜ ନାୟକ, ହୁରଞ୍ଜନ ସେଠୀ, ସଂଗଠନ ସମ୍ପାଦକ ଭାବେ ଭି ଲୋକନାଥ ରାଜୁ, ସୋସିଆଲ ମିଡ଼ିଆ ସମ୍ପାଦକ ଗୋଲକ ବିହାରୀ କହଁର ,ଉପଦେଷ୍ଟା ଭାବେ ମହାଦେବ ସାହୁ ଶରତ ଚନ୍ଦ୍ର ମିଶ୍ର, ବ୍ରଜ ମୋହନ ନାୟକ।ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଜିଲ୍ଲା ସାମ୍ବାଦିକ ୟୁନିୟନ ସଦସ୍ୟ ଏବଂ ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ପିସିସି ସଭାପତିଙ୍କ ସମେତ କଂଗ୍ରେସ ନେତୃବୃନ୍ଦଙ୍କ ଶୋକ

ଭୁବନେଶ୍ୱର ,(ପି.ଏନ): ଝାରସୁଗୁଡ଼ା ପୂର୍ବତନ ବିଧାୟକ ବିରେନ୍ଦ୍ର ପାଣ୍ଡେଙ୍କ ବିୟୋଗରେ ପିସିସି ସଭାପତି ଶରତ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଶୋକବାର୍ତାରେ ସେ କହିଛନ୍ତି ଦୀର୍ଘଦିନଧରି ଯକୃତ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବିରେନ୍ଦ୍ର ପାଣ୍ଡେ ୭୪ ବର୍ଷରେ ବିୟୋଗ ମୋତେ ମର୍ମାହତ କରିବା ସହ ଦୁଃଖ ଦେଇଛି। ସ୍ୱର୍ଗତଃ ପାଣ୍ଡେ ଝାରସୁଗୁଡ଼ାରରୁ କଂଗ୍ରେସ ଦଳରୁ ତିନିଥର ବିଧାୟକ ହୋଇଥିଲେ। ସେ ଜଣେ ଲୋକପ୍ରିୟ ନେତା ଭାବେ ଅନେକ ଗୁଡ଼ିଏ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ବିୟୋଗ ରାଜ୍ୟ ରାଜନୀତିରେ ବିଶେଷ କରି କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ଅନୁରୂପ ଭାବେ ସ୍ୱର୍ଗତଃ ପାଣ୍ଡେଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ସମେତ ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଗଭୀର ଶୋକ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

ଆତ୍ମଦାହ କରିଥିବା ମୃତକଙ୍କ ପରିବାରକୁ ଭେଟିଲା ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର, (ପି.ଏନ): ନୂଆପଡ଼ା ଜିଲ୍ଲାର ନୂଆପଡା ତହସିଲରେ ଜମି ପରମିସନ ପାଇଁ ପେଟ୍ରୋଲ ଢାଳି ଆତ୍ମଦାହ ଘଟଣାରେ ମୃତକ ଜଗଦୀଶ ଚୌହାନ ଙ୍କ ଗାଁ କଲ୍ୟାଣ ପୁର ରେ ରାଜ୍ୟ ବିଜେପି ର ଅନୁସୂଚିତ ଜାତି ମୋର୍ଚ୍ଚାର ପ୍ରତିନିଧି ଦଳ ପହଂଚିଛି । ପୂର୍ବତନ ସାଂସଦ ବିଭୁ ତରାଇ ସହ ବିଜେପି ର ଅନୁସୂଚିତ ଜାତି ମୋର୍ଚ୍ଚା ସଦସ୍ୟ ମାନେ ତାଙ୍କର ଘରଂ ପହଂଚି ଜଗଦୀଶ ଚୌହାନ ପରିବାର କୁ ସାନ୍ତ୍ୱନା ଦେଇଛନ୍ତି । ଏହି ଅବସର ଶ୍ରୀ ତରାଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମସ୍ତ ତହସିଲ ରେ ଏଭଳି ଲୋକଙ୍କୁ ଅଧିକାରୀ ମାନେ ହଇରାଣ ହରକତ କରୁଛନ୍ତି ।

ପ୍ରସିଦ୍ଧ ବାରୁଣୀ ବୁଡ଼ ପାଇଁ ଚଳଚଂଚଳ ଇନ୍ଦୁପୁର ଅଂଚଳ

କେନ୍ଦ୍ରାପଡ଼ା,(ପି.ଏନ): ପ୍ରସିଦ୍ଧ ବାରୁଣୀ ବୁଡ଼ ପାଇଁ ଚଳଚଂଚଳ ଇନ୍ଦୁପୁର ଅଂଚଳ।ତିନୋଟି ନଦୀର ସଙ୍ଗମ ସ୍ଥଳରେ ବୁଡ଼ ପକାଇ ମା' ଚଣ୍ଡୀଦେବୀଙ୍କୁ ଦର୍ଶନ କଲେ ଜନ୍ମ ଜନ୍ମାନ୍ତର ପାପତାପ କ୍ଷୟ ହେବା ସହ ମାନସିକ ପୂରଣ ହେବାର ଲୋକକଥା ଆଜି କାହିଁ କେତେ ଆଡୁ ଟାଣି ଆଣିଛି ଭକ୍ତ ଏବଂ ଶ୍ରଦ୍ଧାଳୁ ମାନଙ୍କୁ। ନଦୀର ଗୋଟିଏ ପାର୍ଶ୍ୱରେ ମା' ଚଣ୍ଡୀଦେବୀ ଓ ଅନ୍ୟପଟେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ପାଇଁ କାହିଁ କେତେ ବ୍ୟାକୁଳ ଭକ୍ତର ମନ।ଚୈତ୍ର ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହୋଇଥାଏ ମା' ଚଣ୍ଡୀଦେବୀଙ୍କ ବାରୁଣୀ ସ୍ନାନ।ଏହିଦିନ ପ୍ରାତଃ ସମୟ ଅର୍ଥାତ ରାତ୍ରର ଚତୁର୍ଥ ପ୍ରହରରେ କେନ୍ଦ୍ରାପଡା ଇନ୍ଦୁପୁର ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ପାଇଁ ନିକଟସ୍ଥ ତିନି ନଦୀର ସଙ୍ଗମ ସ୍ଥଳରୁ ପାଣି ଅଣାଯାଇ ମା'ଙ୍କୁ ସ୍ନାନ କରାଯିବା ପରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପକାଇଥାନ୍ତି ପବିତ୍ର ବାରୁଣୀ ବୁଡ଼ ।ବ୍ରାହ୍ମଣୀ,ବିରୂପା ଓ କେଲୁଅ ଭଳି ପବିତ୍ର ନଦୀର ସଙ୍ଗମ ସ୍ଥଳରେ ବୁଡ଼ ପକାଇଲେ ସମସ୍ତ ପାପ ନାଶ ହେବା ସହ ମାନସିକ ପୂରଣ ହୋଇଥାଏ ବୋଲି କୁହନ୍ତି ଶ୍ରଦ୍ଧାଳୁ ଯେଉଁଥିପାଇଁ ଆଜି ପ୍ରଭାତରୁ ପବିତ୍ର ସଙ୍ଗମ ସ୍ଥଳରେ ବୁଡ଼ ପକାଇବା ସହ ମା' ଚଣ୍ଡୀଦେବୀଙ୍କ ଦର୍ଶନ ପାଇଁ ଇନ୍ଦୁପୁରରେ ଲାଗିଥିଲା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି। କେବଳ ସେତିକି ନୁହେଁ, ସଙ୍ଗମ ସ୍ଥଳରେ ବିବାହ ମୁକୁଟ ଏବଂ ପଉଡ଼ ମସିଣାକୁ ବିସର୍ଜନ କରିବା ପାଇଁ କାହିଁ କେତେଦୂରରୁ ଛୁଟିଥିଲା ଭକ୍ତଙ୍କ ସୁଅ। ଦୀର୍ଘ ଦୁଇବର୍ଷ କାଳ କୋଭିଡ ମହାମାରୀ ପାଇଁ ଏହି ସଙ୍ଗମ ସ୍ଥଳରେ ଭକ୍ତଙ୍କ ବୁଡ଼ ପକାଇବା ବାରଣ ଥିବା ବେଳେ ଆଜି କୋଭିଡ କଟକଣାରେ କୋହଳ ଏବଂ ଭକ୍ତଙ୍କ ସ୍ନାନ ଆଉ ଦର୍ଶନ ପାଇଁ କୌଣସି କଟକଣା ନଥିବା କାରଣରୁ ଏହି ପବିତ୍ର ସ୍ନାନ ଓ ଦର୍ଶନର ଲାଭ ଉଠାଇଛନ୍ତି ଭକ୍ତ।ଗହଳିକୁ ଦୃଷ୍ଟିରେ ରଖି ଗହିରିଆ ଓ କୁମ୍ଭୀରପୂର୍ଣ୍ଣ ନଦୀ ଗୁଡିକର ଏହି ସଙ୍ଗମ ସ୍ଥଳରେ ବିଭିନ୍ନ ସଚେତନତା ବାର୍ତା ଲେଖାଯିବା ସହ ମହିଳା ଓ ପୁରୁଷ ମାନଙ୍କ ପାଇଁ ଭିନ୍ନ ଭିନ୍ନ ସ୍ଥାନରେ ବୁଡ଼ ପକାଇବା ପାଇଁ ବ୍ୟବସ୍ଥା କରାଯିବା ସହ ସ୍ଥାନୀୟ ଲୋକ ପ୍ରତିନିଧି ଏହି ସ୍ନାନ ଘାଟର ସମ୍ପୂର୍ଣ୍ଣ ଭାବେ ସ୍ୱେଚ୍ଛାସେବୀଙ୍କୁ ନେଇ ଲକ୍ଷ୍ୟ ରଖିଥିବା ବେଳେ ସୁରକ୍ଷା ଦୃଷ୍ଟିକୋଣରୁ ଅଗ୍ନିଶମ ବିଭାଗ ପକ୍ଷରୁ ଏକ ବୋଟ ସମେତ ଲାଇଫ ସପୋର୍ଟ ଜ୍ୟାକେଟ ମଧ୍ୟ ମହଜୁଦ ରଖାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଏହି ପବିତ୍ର ବାରୁଣୀ ସ୍ନାନ ଓ ମେଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିବା କହିଛନ୍ତି ନିକିରାଇ ଥାନା ଅଧିକାରୀ।ଗୋଟିଏ ପଟେ କୋଭିଡ କଟକଣାରେ କୋହଳ ଅନ୍ୟପଟେ ଯାଜପୁରରେ ବୈତରଣୀ ବୁଡ଼ ଦୃଷ୍ଟିରୁ ଏହି ତ୍ରିନଦୀ ସଙ୍ଗମ ସ୍ଥଳରେ ବୁଡ଼ ସହ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ମନରେ କେତେ ହର୍ଷ ଓ ଉଲ୍ଲାସ ତାହା ସ୍ପଷ୍ଟ ଅନୁମେୟ।

ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ, ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ

ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧି ପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ

ସ୍ୱାୟତ୍ତ ଶାସନ ଦିବସର ତାତ୍ପର୍ଯ୍ୟ

ସ୍ୱାଧୀନ ରାଷ୍ଟ୍ରରେ ସ୍ୱାୟତ୍ତ ଶାସନ ଅନୁଷ୍ଠାନ ହେଉଛି ସମ୍ପର୍କର ଡୋରୀ। ଆମ ଭାରତବର୍ଷରେ ଏହାର ଇତିହାସ ଅତି ପ୍ରାଚୀନ। ଅତିତ ପୃଷ୍ଠାକୁ ରୋମନ୍ଥନ କଲେ ଜଣାପଡେ ପ୍ରତ୍ୟେକ ଗ୍ରାମରେ ଗ୍ରାମସଭା ଓ ପଲ୍ଲୀସଭା ରହିଥିଲା। ଏପରିକି ତାମ୍ର ଯୁଗ ଓ ଲୌହଯୁଗରେ ମଧ୍ୟ ଗାଁ ମୁଖିଆ ଥିଲେ। ଗାଁ ମୁଖିଆମାନଙ୍କୁ ଯଥୋଚିତ ସମ୍ମାନ ଦିଆଯାଉଥିଲା। ସେମାନଙ୍କର ବାକ୍ୟ ସମସ୍ତଙ୍କ ପାଇଁ ଶିରୋଧାର୍ଯ୍ୟ ଥିଲା। ପରାଧୀନ ଭାରତରେ ୧୬୬୮, ୧୭୭୦, ୧୭୯୩ ମସିହାରେ ଚନ୍ନାଇ, କୋଲକତା, ଓ ମୁମ୍ବାଇରେ ଇଷ୍ଟ ଇଣ୍ଡିଆ କମ୍ପାନୀ ତିନୋଟି ନିଗମ ପ୍ରତିଷ୍ଠା କରିଥିଲେ। କିନ୍ତୁ ସ୍ଥାନୀୟ ଜନସାଧାରଣ ସେଥିରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିନଥିଲେ।

ଲର୍ଡ ମେୟୋଙ୍କ ଶାସନ କାଳରେ ସ୍ୱାୟତ ଶାସନ ସଂସ୍ଥା ଜନ୍ମ ନେଲା। ପ୍ରାଦେଶିକ ସରକାରଙ୍କୁ ଲୋକାଲ ବୋର୍ଡ ଗଠନ କରିବା ପାଇଁ ନିର୍ଦ୍ଦେଶ ମିଳିଲା। ସେତେବେଳେ ଏହି ସଂସ୍ଥା ପ୍ରତ୍ୟକ ଜିଲ୍ଲାରେ ସ୍ୱାଧୀନ ଭାବରେ ଶାସନ ପରିଚାଳନା କରୁଥିଲେ। ଏଥିରେ ଏକ ତୃତୀୟାଂଶ ସରକାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହୁଥିଲେ। ଲର୍ଡ ମେୟୋଙ୍କ ପରିକଳ୍ପନା ଭାରତରେ ସ୍ୱାୟତ ଶାସନ ସଂସ୍ଥା ଲାଗି ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ପରବର୍ତ୍ତୀ ସମୟରେ ଲର୍ଡ ରିପନଙ୍କ ପରାମର୍ଶକ୍ରମେ ବ୍ରିଟିଶ୍ କ୍ରାଉନ ସ୍ୱାୟତ୍ତ ଶାସନ ସଂସ୍ଥାକୁ ଅନୁମୋଦନ କଲେ। ଭାରତରେ ସ୍ୱାୟତ୍ତ ଶାସନ ସଂସ୍ଥାର ମୂଳଭିତ୍ତି ସ୍ଥାପିତ ହେଲା।

ଏହି ପରିପ୍ରେକ୍ଷୀରେ ଓଡିଶା କଥା ବିଚାରକୁ ନେଲେ ଜଣାପଡେ-୧୯୫୧ ମସିହାରେ ଓଡିଶାରେ ସହର ସଂଖ୍ୟା ଥିଲା ୧୯। ୨୦୦୩ ମସିହାରେ ଏହି ସଂଖ୍ୟା ବଢି ୧୦୩କୁ ବୃଦ୍ଧି ପାଇଲା। ଜନସଂଖ୍ୟାର ବିସ୍ଫୋରଣ ଏବଂ ସହର ବାସିନ୍ଦାଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଲା। ଗ୍ରାମାଂଚଳ ଛାଡି ବହୁ ସଂଖ୍ୟକ ଲୋକ ସହରାଭିମୁଖୀ ହେଲେ। କାରଣ ସହରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୁଲଭ୍ୟ ହେଲା। କିନ୍ତୁ ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ପାନୀୟ ଜଳ ଯୋଗାଣ, ଗୃହ ଯୋଗାଣ ଓ ଆବର୍ଜନା ନିଷ୍କାସନ ଜଟିଳ ସମସ୍ୟା ସୃଷ୍ଟି କଲା। ସହରୀ ଜୀବନ ଅଶାନ୍ତ ଓ ଅସୁବିଧା ହୋଇଉଠିଲା। ଏହାକୁ ସମାଧାନ କରିବା ପାଇଁ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡିକ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଲେ। ଜାତୀୟ ବସ୍ତି ଉନୟନ କାର୍ଯ୍ୟକ୍ରମ ଆମ ରାଜ୍ୟରେ ୧୯୯୬-୯୭ରୁ କାର୍ଯ୍ୟକାରୀ ହେଉଛି। ବସ୍ତିରେ ବାସ କରୁଥିବା ଦରିଦ୍ର ଜନସାଧାରଣଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି ଲାଗି ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଏଥିପାଇଁ କେନ୍ଦ୍ର ସରକାର ଅନୁଦାନ ଦେଉଛନ୍ତି। ମାତ୍ର ଏଥିପାଇଁ ଆସୁଥିବା ଧନରାଶିକୁ ଧଳାହାତୀ ତଥା କେତେକ ଅସତ୍ କର୍ମଚାରୀ ବାଟମାରଣା କରୁଛନ୍ତି। ସବୁଜାଣି ଆମର ଉପରିସ୍ଥ ହାକିମମାନେ ଜାଣି ନଜାଣିଲାଭଳି ଅଭିନୟ କରୁଛନ୍ତି। ବର୍ତ୍ତମାନର ସ୍ୱାୟତ ଶାସନ ବ୍ୟବସ୍ଥାକୁ ଦେଖିଲେ ସ୍ପଷ୍ଟ ଅନୁମେୟ ହୁଏ ଯେ ସ୍ୱ ଆୟତ୍ତରେ ଆଉ ଶାସନ ନାହିଁ!

ଏହି ଦିବସର ତାତ୍ପର୍ଯ୍ୟ ହେଉଛି, ଆମେ ଆମ ସହରକୁ ପରିଷ୍କାର ରଖିବା, ରାସ୍ତାକଡରେ ବୃକ୍ଷରୋପଣ କରିବା, ରାସ୍ତା ଅବରୋଧ କରବା ନାହିଁ, ଗୃହପାଳିତ ପଶୁକୁ ଜନଗହଳି ରାସ୍ତାକୁ ଛାଡିବା ନାହିଁ, ନିୟମିତ କର ପ୍ରଦାନ କରିବା। ସର୍ବଦା ମନେରଖିବା, ଯେଉଁ ସହରରେ ଆମେ ବାସ କରୁଛୁ, ସେ ସହର ଆମ ନିଜର, ଆପଣାର, ଅତି ଆପଣାର। ତା'ର ମଙ୍ଗଳ କାମନା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଆବଶ୍ୟକ।

—ଉମାଶଙ୍କର ପ୍ରସାଦ
ଖୋର୍ଦ୍ଧା, ମୋ: ୮୮୯୫୫୪୭୪୯୦

ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ଯଥାର୍ଥ ପ୍ରତିନିଧିତ୍ୱ କରନ୍ତୁ !

ଭୁବନେଶ୍ୱର (ପିଏନ୍)- ଓଡ଼ିଆ ଭାଷାରେ ଅନେକ ସାହିତ୍ୟ କୃତି ଅଛି ଯାହା ଅନ୍ୟ ଭାଷାରେ ଅନୁବାଦ ହୋଇ ପାରିଲେ ଓଡ଼ିଆ ଭାଷା ଓ ସାହିତ୍ୟ ବିଶେଷ ସମ୍ମାନ ଓ ସ୍ୱୀକୃତିଲାଭ କରିପାରିବ । ପ୍ରବାସୀ ଓଡିଆମାନେ ଓଡିଶାର ଯଥାର୍ଥ ପ୍ରତିନିଧିତ୍ୱ କରନ୍ତୁ ବୋଲି ଓଡ଼ିଶାର ବିଶିଷ୍ଟ କବି ତଥା ଓଡିଶା ରାଜ୍ୟପାଳଙ୍କର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ମୁମ୍ବାଇର ପ୍ରବାସୀ ଓଡିଆ ସାହିତ୍ୟ ସମାଜର ଆଭାଷୀ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। ପ୍ରବାସୀ ସାହିତ୍ୟ ସଂସଦର ଶ୍ରୀମତୀ ମୈତ୍ରୀ କାମିଲାଙ୍କ ସଭାପତିତ୍ୱରେ ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଶିଷ୍ଟ ସାହିତ୍ୟିକା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଓ ଶ୍ରୀମତୀ ପାରମିତା ଷଡଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଭାଷୀ ସାହିତ୍ୟ ଉତ୍ସବ ଓ କବିତା ପାଠୋତ୍ସବରେ ସଢ଼େଇକଳା-ଖରସୁଆଁ ଓଡିଆ ବିଚ୍ଛିନ୍ନାଞ୍ଚଳର ରାଜକବି ହୀରେନ୍ଦ୍ର ସିଂହଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଚ୍ଛିନ୍ନାଞ୍ଚଳ ଓଡିଆ ଭାଷା ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶ ବିଦେଶରୁ ଯୋଗ ଦେଇଥିବା ଏହି ଆଭାଷୀ ସାହିତ୍ୟ ଉତ୍ସବରେ ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକ, କବି ତଥା ଚଲାପଥର ସମ୍ପାଦକ ହଳଧର ଧୀର, ଆମେରିକାର ଟୋରୁରୁ ଶ୍ରୀମତୀ ଚିତ୍ରା ପାତ୍ର, ଦୁବାଇରୁ ଶ୍ରୀମତୀ ଲୋପାମୁଦ୍ରା ମହାନ୍ତି, ଡକ୍ଟର ଦେବାଶିଷ ମହାପାତ୍ର, ସରୋଜାଲକ୍ଷ୍ମୀ ମହାନ୍ତି, ଜୟନ୍ତୀ ସାହୁ, ସଲିଳା ମହାନ୍ତି, ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, ରାଜଲକ୍ଷ୍ମୀ ତ୍ରିପାଠୀ, କଳ୍ପନା ମିଶ୍ର, ଗୀତା ଷଡଙ୍ଗୀ, ମନୋରମା ମିଶ୍ର, ଅରୁଣୀ ମହାପାତ୍ର, ସ୍ନେହ ମିଶ୍ର, ବିଚ୍ଛିନ୍ନାଞ୍ଚଳ କବି ସତ୍ୟପ୍ରକାଶ କର, ପ୍ରତିମା ଷଡଙ୍ଗୀ, ଅରୁନ୍ଧତୀ ମହାନ୍ତି, ଶ୍ରୀମତୀ ମୈତ୍ରୀ କାମିଲା ପ୍ରମୁଖ ଯୋଗଦେଇ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ ।

ବାଲେଶ୍ୱରର ୩୦ ଲକ୍ଷ ଟଙ୍କା ଠକେଇ ମାମଲାରେ ନୂଆଦିଲ୍ଲୀରେ ଗିରଫ ହେଲେ ଦୁଇ ନାଇଜେରିୟ ନାଗରିକ

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରୁ ୩୦ ଲକ୍ଷ ଟଙ୍କା ଠକେଇ ମାମଲାରେ ନୂଆଦିଲ୍ଲୀରୁ ଦୁଇ ନାଇଜେରିୟ ନାଗରିକ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ଗୋଟିଏ କାର, ୨ ଲାପ୍‌ଟପ୍, ୭ଟି ମୋବାଇଲ, ସୁନାଗହଣା ଜବତ କରାଯାଇଛି। ପୂର୍ବରୁ ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ଅଭିଯୁକ୍ତ ୨୦୨୨ ଏପ୍ରିଲ ମାସ ୧୩ ତାରିଖରେ ସହଦେବ ଖୁଣ୍ଟା ଥାନା ବାଲିଆ ଅଞ୍ଚଳରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ନକଲି ଫେସ୍‌ବୁକ ଏକାଉଣ୍ଟ ଜରିଆରେ ବନ୍ଧୁତା ସ୍ଥାପନ କରି ୩୦ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ସାଇବର ଥାନାରେ ଅଭିଯୋଗ କରିବା ପରେ ଆଇ.ଆଇ.ସି ମୀନା ବିନ୍ଧାଣୀ ଅଭିଯୁକ୍ତର ବ୍ୟାଙ୍କ ଏକାଉଣ୍ଟକୁ ଅଚଳ କରିଥିଲେ। ବହୁ ଖୋଳତାଡ଼ ପରେ ଶେଷରେ ଏହି ନାଇଜେରିୟ ଠକ ପାଖରେ ପହଞ୍ଚିଥିଲା ପୁଲିସ। ଦିଲ୍ଲୀରୁ ଠକ ସାମ୍‌ସନକୁ ଗିରଫ ପରେ ୩ ଦିନିଆ ଟ୍ରାଞ୍ଜିଟ୍ ରିମାଣ୍ଡୋରେ ବାଲେଶ୍ୱର ଅଣାଯାଇଥିଲା। ସେ ଗତ ଏକବର୍ଷ ହେବ ଦିଲ୍ଲୀର କିସନଗଡ଼ରେ ରହି ସାଇବର ଅପରାଧରେ ଲିପ୍ତ ଥିଲା। ଏହି ଉପାୟରେ ୧୦୦ରୁ ଅଧିକ ଲୋକଙ୍କୁ ଫସାଇ ଲକ୍ଷାଧିକ ଟଙ୍କା ଲୁଟ୍ କରିଥିଲା। ପୁଲିସ ତା' ପାଖରୁ ଏକ ମୋବାଇଲ ଲାପ୍‌ଟପ୍ ଓ କିଛି ନକଲି ସିମ୍ ଜବତ କରିଥିଲା। ୨୦୧୮ ମସିହାରୁ ତା'ର ପାସପୋର୍ଟ ବୈଧତା ସରିଯାଇଥିଲେ ମଧ୍ୟ ସେ ନକଲି ପାସପୋର୍ଟ ରଖି ଭାରତରେ ରହୁଥିଲା। ଏହି ମାମଲାର ରିମାୟୁକଲ୍ ନାମନି ଏଲିଆସ କେଲ୍‌ଭିନ ଓଟୁସରୋ ନାମନି (୩୫) ସେ ତାର ସ୍ତ୍ରୀ ଟି. ସୁଚିମ ତିଖୀର (୩୨) (ନାଗାଲାଣ୍ଡ) ଦିଲ୍ଲୀ ମଇଦାନ ଗୋଡ଼ିରୁ ଗିରଫ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଇମାୟୁନେଲ ନାମନି ହ୍ୱାଟ୍ସଆପ ଜରିଆରେ ବିଭିନ୍ନ ଦଫା ସହ ଫେକ ଫେସବୁକ୍ ଆଇଡିରେ ୟୁକେର ବିଦେଶୀ ମହିଳାଙ୍କ ନାମରେ ବନ୍ଧୁତା ସ୍ଥାପନ କରୁଥିଲା। ତାର ସ୍ତ୍ରୀ ଟି.ସୁଚିଂ ତିଖୀର ନିଜକୁ କଷ୍ଟମ ଅଫିସରର ପରିଚୟ ଦେଇ ଉପହାର ସାମଗ୍ରି ସେମାନଙ୍କ ଠିକଣାରେ ପଠାଇଦେବ ଏବଂ କଷ୍ଟିଂ ପାଉଣା ଦେବା ପାଇଁ ଧମକାଉଥିଲା। ସେମାନଙ୍କ ନିକଟରୁ ଦୁଇଟି ଲାପ୍‌ଟପ୍, ଗୋଟିଏ ହୁଣ୍ଡା ୧-୨୦ କାର, ଏକଟି ଡଙ୍ଗଲ, ଦୁଇଟି ନକଲି ପାସପୋର୍ଟ ସୁଚିମ ତିଖୀର ନାମରେ ଥିବା ଗୋଟିଏ ଷ୍ଟେଟବ୍ୟାଙ୍କ ପାସବୁକ୍, ଦୁଇଟି ସୁନାଚେନ୍, ଗୋଟଏ ମୁଦି, ୭ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ସାଇବର ଓ ପୁଲିସ କେସ ନଂ ୪/୧୩/୬/୨୨ ଦଫା ୪୧୯/୪୨୦/୪୬୫/୪୬୭/୪୬୮/୧୨୦ (ବି) ଧାରା ୬୬ (ସ)/୬୬(ଡି) ମାମଲା ରୁଜୁ କରାଯାଇଥିଲା। ଆହୁରି ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

'ଜାତୀୟ ପୁସ୍ତକପ୍ରେମୀ' ଦିବସ ପାଳିତ

ବାଲେଶ୍ୱର (ପିଏନ୍)-ଡ଼. ଭାଗବତ ପ୍ରସାଦ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ସୀତାସୁରେନ୍ଦ୍ର ପାଠାଗାର ଆନୁକୂଲ୍ୟରେ 'ଜାତୀୟ ପୁସ୍ତକପ୍ରେମୀ ଦିବସ' ପାଳିତ ହୋଇଯାଇଛି। କବି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଶଶୀରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା ସରୋଜ କୁମାର ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପିନାଥ ସଙ୍କର, ସମ୍ମାନୀୟ ଅତିଥି, ଡ. ନରୋତ୍ତମ ପରିଡ଼ା, ଯୋଗେଶ ଚନ୍ଦ୍ର ବେହେରା, ଔପନ୍ୟାସିକ ରମେଶ ଚନ୍ଦ୍ର ମହାରଣା, ଗୀତିକାର ରବୀନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ପୁସ୍ତକ ହିଁ ନିଃସ୍ୱାର୍ଥପର ତଥା ପୁସ୍ତକ ପଠନ ମନ ଓ ହୃଦୟରେ ଅପାର ଆନନ୍ଦ ଦେବାରେ ପ୍ରେରଣାର ଉତ୍ସ ପାଲଟି ଯାଏ ବୋଲି ମତବ୍ୟକ୍ତ କରିଥିଲେ। ପୁସ୍ତକପ୍ରେମୀ ଡ. ଦାସ ପୁସ୍ତକ ସଂଗ୍ରହ ତାର ପଠନ ଓ ପୁସ୍ତକର ରକ୍ଷଣାବେକ୍ଷଣା ଏକ ତପସ୍ୟା ଓ ସାଧନା ବୋଲି ମତ ଦେଇଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ, ସଂଗୀତ ଗୁରୁ ରେମେନ୍ଦ୍ର ମହାପାତ୍ର ସ୍ୱାଗତ ସଂଗୀତ ସି.ଆର.ସି.ସି ରାଧାରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଶାନ୍ତିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ସାହୁ ପଦ୍ମଲୋଚନ ପଣ୍ଡା ନରେନ୍ଦ୍ର ବେହେରା, ସତ୍ୟନାରାୟଣ ରଣା, ସାରଦାନନ୍ଦ , ଆନନ୍ଦ ରଞ୍ଜନ ଜେନା, ହରିହର ସାହୁ, କବିୟତ୍ରୀ ବାସନ୍ତୀ ଦାସ, ମିନତୀ ପାତ୍ର, ଉତ୍କଳିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ଅର୍ପିତା ଦାସ, ଦେବାଶିଷ ମିଶ୍ର, ଚକ୍ରଧର ଦାସ ସହାୟତା କରିଥିଲେ।

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତି ଉପଲକ୍ଷେ ମେଗା ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ମେଗା ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଏହା ରାଜ୍ୟ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା,ବେଗୁନିଆ,ବୋଲଗଡ ଓ ଟାଙ୍ଗୀ ଅଂଚଳର ଶତାଧିକ ମହିଳା ରକ୍ତଦାନ କରିଥିଲେ । ଟାଙ୍ଗୀ ବ୍ଲକ ଅଧକ୍ଷା ରୀସ୍ମା ମାନ୍ଧାତା,ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ବେଗୁନିଆ ୨୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ ଓ ବୋଲଗଡ ମହିଳା ମହାସଂଘର ସଦସ୍ୟାମାନେ ଯୋଗଦେଇ ବହୁମାତ୍ରାରେ ରକ୍ତଦାନ କରିଥିଲେ । ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ଯୁବ ସଙ୍ଗଠକ ଶୁଭକାନ୍ତ ମହାପାତ୍ର ପବିତ୍ର ପାଇକରାୟ, ରାଜକିଶୋର ପାତ୍ର, ଲଲାଟ ପାଟ୍ଟଶାଣୀ, ସକ ଅକ୍ତର ଅଲ୍ଲୀ ଡିଜିଟାଲ ସେଲର ବିରଂଚି ନାରାୟଣ ଜେନା ଓ ଅସିତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଖୋର୍ଦ୍ଧାସ୍ଥିତ ମା ବରୁଣେଇ ପୀଠରେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀରେ କିପରି ଭାବେ ମହିଳା ଜନତା ଦଳର ସଭ୍ୟ ସଂଗ୍ରହ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

ଯୋର୍ସ ହୋପ ଫାଉଣ୍ଡସନ ପକ୍ଷରୁ ଚାରା ରୋପଣ

ଖୋର୍ଦ୍ଧା (ପିଏନ)- ମଣିଷ ବଂଚିବା ପାଇଁ ଅମ୍ଳଜାନର ନିହାତି ଆବଶ୍ୟକ ହେଉଥିବା ବେଳେ ସାଂପ୍ରତିକ ସମୟରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଅଙ୍ଗାରକାମ୍ଳ ବହୁ ପରିମାଣରେ ବଢି ପୃଥିବୀ ଦିନକୁ ଦିନ ଧ୍ୱସାଂଭିମୁଖି ଆଡକୁ ଗତି କରୁଛି । ଏଭଳି ପରିସ୍ଥିତିରେ ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଜୀବନଟିଏକୁ ଲକ୍ଷ୍ୟ କରି ଯୋର୍ସ ହୋପ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଜପୁର ପଂଚାୟତ ଅନ୍ତର୍ଗତ ବଣିଆଟାଙ୍ଗୀ,ରାଇରଙ୍ଗ ଗ୍ରାମର ମନ୍ଦିର,ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ନେଇ ଅନୁଷ୍ଠାନର ଅଧ୍ୟକ୍ଷା ରୀନାରାଣୀ ନାୟକ,ସ୍ଥାନୀୟ ସରପଂଚ କେଦାର ନାଥ ପୁଷ୍ଟି ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଦସ୍ୟ ସନ୍ତୋଷ ନାୟକ, ବିଜୟ କୁମାର କାଣ୍ଡି ଓ ବସନ୍ତ ନାୟକଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଏଥିରେ ହରିଡା, ବାହାଡା, ଅଁଳା, ବଉଳ, ନିମ୍ବ, କରଞ୍ଜ, ଅର୍ଜୁନ, ବେଲ, ଅଶୋକ ଓ ଗଙ୍ଗଶିଉଳି ସମେତ ବିଭିନ୍ନ ପ୍ରଜାତିର ୧୫୦ରୁ ଊର୍ଦ୍ଧ୍ୱ ଔଷଧୀୟ ଚାରା ରୋପଣ କରାଯାଇଥିଲା।

ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଅମୃତ ମହୋତ୍ସବ ଓ ସ୍ୱାଧୀନତା ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ସଂଗଠନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସ୍ୱାଧୀନତା ଦିବସ ୭୫ତମ ପୂର୍ତ୍ତି ଅମୃତ ମହୋତ୍ସବ ଓ ୭୬ ତମ ସ୍ୱାଧୀନତା ଦିବସ ମହା-ସମାରୋହରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ପୌରପାଳିକାର ପୌରାଧକ୍ଷା ରଞ୍ଜୁଲତା ହୋତା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ସଭାପତି ହରିହର ସ୍ୱାଇଁ ଯୋଗଦେଇ ତ୍ରିରଙ୍ଗା ପତାକା ଓ ମଟରସାଇକେଲ ଶୋଭଯାତ୍ରାକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ମହାତ୍ମାଗାନ୍ଧୀ ଓ ଭାରତମାତା ଅନୁଷ୍ଠାନର ସଦସ୍ୟ ସୁକାନ୍ତ ରାଉତ ଓ ସଦସ୍ୟା ତପସ୍ୱିନି ମଲ୍ଲିକ ସଜ୍ଜିତ ହୋଇଥିଲେ। ଯାଜପୁର ଟାଉନସ୍ଥିତ ଗାନ୍ଧୀଛକ ଠାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଜାତୀୟ ସଂଗୀତ ଗାନକରି ଯାଜପୁର ସହର ପରିକ୍ରମା କରିଥିଲେ। ଅନୁଷ୍ଠାନର ଏହିପରି ଏକ ନିଆରା ଢଙ୍ଗର କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରିବା ସହିତ ଭୂୟସୀ ପ୍ରଶଂସା କରାଯାଇଥିଲା। ସରକାରଙ୍କ ଏହିଭଳି ଜନହିତକର କାର୍ଯ୍ୟ ଅନୁଷ୍ଠାନ ନିଃସ୍ୱାର୍ଥପର ଭାବେ କରିଆସୁଅଛି ଏବଂ ଆଗାମୀ ଦିନରେ କରିବ ବୋଲି କର୍ମକର୍ତ୍ତାମାନେ ମତପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବିଶ୍ୱ ବନ୍ଧୁତ୍ୱ ଦିବସରେ ବୃକ୍ଷରୋପଣ

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ସେରଗଡ଼ ଗ୍ରାମରେ

ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାଦିରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାର୍ଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ପଟ୍ଟାମୁଣ୍ଡାଇ,(ପିଏନ)- ସଂପ୍ରତି ଆଗାମୀ ଶାରଦୀୟ ଦୂର୍ଗାପୂଜା ଉତ୍ସବ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଦୂର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ପୌରହିତ୍ୟରେ ପଟ୍ଟାମୁଣ୍ଡାଇ ପଚାଂୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ଆଗାମୀ ଦୂର୍ଗାପୂଜା ଉତ୍ସବକୁ କୋଭିଡ ନିୟମାନୁଯାୟୀ ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା । ତେବେ ମେଢ କମିଟିର ସଭାପତିମାନେ କେନ୍ଦ୍ରାପଡା ଏଡିଏମଙ୍କ ନିକଟରେ ଉତ୍ସବକୁ ପାଳନ କରିବା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିବା ଘଟଣାକୁ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା । ମେଢ କମିଟିର କର୍ମକର୍ତା ଓ ଶାନ୍ତି କମିଟିର ସଦସ୍ୟମାନେ ଏହି ଚୁକ୍ତିପତ୍ର ସ୍ଥାନୀୟ ପ୍ରଶାସନ ଜରିଆରେ ସଂପାଦନ କରାଯିବା ନେଇ ଯୁକ୍ତି ଉପସ୍ଥାପନ କରିଥିଲେ । ସଭା ମଚଂରେ ଉପସ୍ଥିତି ତହସିଲଦାର ଶ୍ରୀଗିରି ଓ ପଟ୍ଟାମୁଣ୍ଡାଇ ବିଡିଓ ଭରତ ଚନ୍ଦ୍ର ପରିଡା ଫୋନ ଯୋଗେ ଏଡିଏମଙ୍କ ସହିତ ଯୋଗାଯୋଗ କରି ଶାନ୍ତି କମିଟି ବୈଠକ ନିଷ୍ପତିକୁ ଜଣାଇବା ପରେ ମଧ୍ୟ ଏଡିଏମ ସମସ୍ତ ମେଢର କର୍ମକର୍ତାମାନେ କେନ୍ଦ୍ରାପଡା ଯାଇ ତାଙ୍କ କାର୍ଯ୍ୟାଳୟରେ ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ କହିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ତହସିଲଦାର ଶ୍ରୀଗିରି ଓ ବିଡିଓ ଶ୍ରୀପରିଡା ଶାନ୍ତି କମିଟି ଓ ମେଢ କମିଟି ସଭ୍ୟମାନଙ୍କୁ ବୁଝାଶୁଝା କରିବା ସହିତ ଜିଲ୍ଲା ପ୍ରଶାସନକୁ ଏହି ବିଷୟରେ ଅବଗତ କରାଇ ସମାଧାନ ବାହାର କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁ, ମେଡିକାଲ ଅଫିସର ଡା.ନିରାକାର ପରିଡା, ମେଢ କମିଟି ସଂପାଦକ ବିଜୟ ସାହୁ, ବିକାଶ ପରିଷଦର ସଂପାଦକ ଗୋପିନାଥ ତ୍ରିପାଠୀ, ବରିଷ୍ଠ ସଦସ୍ୟ ଭୋଳାନାଥ ପାଢୀ, କିଶୋର ସାହୁ, ରମେଶ ଦେ, ସାମ୍ବାଦିକ ପତିତପାବନ ଭଦ୍ର, ଅନୀଲ ଚୌଧୁରୀ, ରାଧାମୋହନ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକରେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ମହାନ୍ତି, ପୂର୍ତ ବିଭାଗ ସହନିର୍ବାହୀ ଅଧିକାରୀ ଇଂ. ପ୍ରଶାନ୍ତ କୁମାର ଦାସ, ଜଳସଂପଦ ବିଭାହ ସହନିର୍ବାହୀ ଅଧିକାରୀ ଇଂ. ଶକ୍ତି ପ୍ରସାଦ ଦାସ, ସେସୁ ଏସଡିଓ ଇଂ. ବିବେକାନନ୍ଦ ପଣ୍ଡା, ମେଢ କମିଟିର କର୍ମକର୍ତା ପ୍ରମୋଦ ଜେନା, ରବିନ୍ଦ୍ର ସାହୁ, ଦୁଷ୍ମନ୍ତ ସାହୁ , ସନାତନ ବିଶ୍ୱାଳ, ବିଶ୍ୱଜିତ ଦାସ, ବାବୁରାମ ପାଢୀ ପ୍ରମୁଖ ବହୁ ମେଢ କମିଟିର କର୍ମକର୍ତା ଓ ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ସଭ୍ୟ ଗୋପିନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।

ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦିଗରେ ସହଯୋଗ ପାଇଁ ବନ୍ଦରାଧ୍ୟକ୍ଷ ଓ ପୌରାଧ୍ୟକ୍ଷଙ୍କୁ ଦାବୀପତ୍ର ପ୍ରଦାନ

ପାରାଦୀପ,(ପି.ଏନ): ପାରାଦୀପରେ ଏକ କୋର୍ଟ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେବ ବିଭିନ୍ନ ମହଲରୁ ଦାବୀ ହେଇଆସୁଥିଲା । ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ଦେଶ ତଥା ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏନଓସି ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ଏନ୍‌ଓସି ଫାଏଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତି ଓ ଫାଉଣ୍ଡେସନ୍‌ର ଅନ୍ୟ ସଦସ୍ୟାମାନେ ରାଜ୍ୟ ସରକାର ଏହି ଦାବୀପତ୍ର ପାଇଦବା ପରେ ରାଜ୍ୟ ଆଇନ୍ ବିଭାଗ ପଦକ୍ଷେପ ନେବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହି ଚିଠି ପାଇବା ପରେ ପାରାଦୀପଠାରେ ଆଡିସିନାଲ ଚିଫ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଓ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ବିଚାରପିତଙ୍କୁ ଜଣାଇଥିଲେ । ଗତ ମାସରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ବିଚାରପିତ ଏ ସମ୍ପର୍କରେ ତାଙ୍କର ମତାମତ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଛନ୍ତି । ଯେହେତୁ ପାରାଦୀପରେ ଏହି କୋର୍ଟ ପ୍ରତିଷ୍ଠା ହେବ ଏହା ଜଣିବା ପରେ ପାରାଦୀପର ଦୁଇ ମୁଖ୍ୟ ବନ୍ଦର ଅଧ୍ୟକ୍ଷ ଓ ପୌରାଧ୍ୟକ୍ଷଙ୍କୁ ଭେଟି ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦିଗରେ ସହଯୋଗ କରିବା ପାଇଁ ସୋମବାର ଦିନ ଏନ୍‌ଓସି ଫାଏଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରୀ ସେନାପତି ଓ ଫାଉଣ୍ଡେସନ୍‌ର ଅନ୍ୟ ସଦସ୍ୟାମାନେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଓ ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ଭେଟି ରାଜ୍ୟ ସରକାର ଓ ଉଚ୍ଚ ନ୍ୟାୟାଳୟର ଚିଠି ସମ୍ପର୍କରେ ଅବଗତ କରାଇଥିଲେ । ପାରାଦୀପ ଠାରେ ଆଡିସିନାଲ ଚିଫ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଓ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ସହଯୋଗ କରିବା ପାଇଁ ଫାଉଣ୍ଡେସନ୍ ପକ୍ଷରୁ ଦାବୀପତ୍ର ପ୍ରଦାନ କରିଥିଲେ । ଉଭୟେ ବନ୍ଦର ଅଧ୍ୟକ୍ଷ ଓ ପୌରାଧ୍ୟକ୍ଷ ଏ ଦିଗରେ ଆଇନ୍ ଅନୁଯାୟୀ ଆବଶ୍ୟକୀୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବା ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜିକା ଶୈଳେନ୍ଦ୍ରି ସେନାପତି ଗଣମାଧ୍ୟମକୁ ଜଣାଇଛନ୍ତି । ଦେଶର ସମସ୍ତ ବନ୍ଦର ଓ ପୌରାଚଂଳରେ କୋର୍ଟ ଥିବା ବେଳେ ପାରାଦୀପ ବନ୍ଦର ଓ ପାରାଦୀପ ପୌର ପାଳିକା ହେଉଛି ଏହାର ଏକ ବ୍ୟତିକ୍ରମ । ଯେଉଁଠି ଗୋଟିଏ ହେଲେ ବି କୋର୍ଟ ନାହିଁ । ପାରାଦୀପ ଅଂଚଳରେ ୫ ଗୋଟି ଥାନା ରହିଛି । ଏହା ଏକ ବୃହତ୍ତ ଶିଳ୍ପାଂଚଳ, ଏଠାରେ କୌଣସି ଘଟଣା କିମ୍ବା ଦୂର୍ଘଟଣା ହେଲେ ଏ ଅଂଚଳର ଲୋକମାନଙ୍କୁ ୨୦ କିଲୋମିଟର କୁଜଙ୍ଗ ବା ଆବଶ୍ୟକସ୍ଥଳେ ୬୨ କିଲୋମିଟର ଜଗତସିଂହପୁର କୋର୍ଟକୁ ଯିବାକୁ ପଡୁଛି । ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦିଗରେ ତୁରନ୍ତ ଆଡିସିନାଲ ଚିଫ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଓ ଜେଏମଏଫସି କୋର୍ଟ ପ୍ରତିଷ୍ଠା ପାଇଁ ପାରାଦୀପର ବୁଦ୍ଧିଜୀବୀ,ସାମାଜିକ ଅନୁଷ୍ଠାନମାନେ ଦାବୀ କରିଛନ୍ତି । ରାଜ୍ୟ ସରକାର ଓ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଲେ ଏ ଅଂଚଳବାସୀଙ୍କର ଦୀର୍ଘ ଦିନର ଦାବୀର ଅବସାନ ଘଟିବ ବୋଲି ଆଲୋଚନା ହେଉଛି ।

ରାଜ୍ୟରେ ପଶ୍ଚିମା-ଝଡ଼ର ପ୍ରଭାବ

ଭୁବନେଶ୍ୱର, ୧୯ ।୩(ପି.ଏନ): ରାଜ୍ୟରେ ପଶ୍ଚିମା-ଝଡ଼ର ପ୍ରଭାବ ଦେଖିବାକୁ ମିଳିଛି । ପଶ୍ଚିମା-ଝଡ଼ ପ୍ରଭାବରେ ଗତ ୨୪ ଘଂଟା ମଧ୍ୟରେ କୋରାପୁଟ ଜିଲ୍ଲାର ଜୟପୁରରେ ସର୍ବାଧିକ ୧୪୮.୮ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି ମାଲକାନଗିରି ଜିଲ୍ଲାର ମାଥିଲିରେ ୧୨୯.୦ ମି.ମି., କୋରାପୁଟରେ ୧୨୨.୦ ମି.ମି., ଭଦ୍ରକ ଜିଲ୍ଲାର ତିହିଡ଼ିରେ ୧୧୨.୦ ମି.ମି., ବାଲେଶ୍ୱର ଜିଲ୍ଲାର ରେମୁଣାରେ

୯୧.୦ ମି.ମି., ଭଦ୍ରକ ଜିଲ୍ଲାର ବାସୁଦେବପୁରରେ ୯୦.୦ ମି.ମି., ମାଲକାନଗିରି ଜିଲ୍ଲାର ପଡ଼ିଆରେ ୮୦.୦ ମି.ମି., କୋରାପୁଟ ଜିଲ୍ଲାର ସିମିଳିଗୁଡ଼ାରେ ୭୭.୦ ମି.ମି., ମାଲକାନଗିରିରେ ୭୪.୧ ମି.ମି., ବାଲେଶ୍ୱର ଜିଲ୍ଲାର ସୋରୋରେ ୭୧.୦ ମି.ମି., ବାଲେଶ୍ୱରରେ ୭୦.୮ ମି.ମି., ମୟୂରଭଞ୍ଜ ଜିଲ୍ଲାର କପ୍ତିପଦାରେ ୬୬.୦ ମି.ମି., କୋରାପୁଟ ଜିଲ୍ଲାର ଲମତାପୁଟରେ ୫୭.୪ ମି.ମି. ଏବଂ କଟକ ଜିଲ୍ଲାର ନରସିଂହପୁରରେ ସର୍ବନିମ୍ନ ୫୭.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ପାରାଦୀପରେ କୋର୍ଟ ପ୍ରତିଷ୍ଠା ଦିଗରେ ସହଯୋଗ ପାଇଁ ବନ୍ଦରାଧ୍ୟକ୍ଷ ଓ ପୌରାଧ୍ୟକ୍ଷଙ୍କୁ ଦାବୀପତ୍ର ପ୍ରଦାନ

ପାରାଦୀପ,(ପି.ଏନ):ପାରାଦୀପରେ ଏକ କୋର୍ଟ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେବ ବିଭିନ୍ନ ମହଲରୁ ଦାବୀ ହେଇଆସୁଥିଲା । ପାରାଦୀପରେ କୋର୍ଟ ପ୍ରତିଷ୍ଠା ପାଇଁ ଦେଶ ତଥା ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଏନଓସି ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥି

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK पर्यवेक्षक

Bhubaneswar Tuesday March 21, 2023 | ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୨୧,୨୦୨୩ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com

ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ

ହାଟଡିହି/ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡ ହାଟଡିହି ବ୍ଲକ କାର୍ଯ୍ୟାଳୟ ପରିସରରେ କେନ୍ଦୁଝର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଯାଇଛି । ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଠାକରେ, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ କିଶୋକ କୁମାର ପୃଷ୍ଟି, ଡେପୁଟି କଲେକ୍ଟର ସୁଚିସ୍ମିତା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ଜନଶୁଣାଣୀରେ ୩୧ଟି ପଂଚାୟତରେ ସାଧାରଣ ବ୍ଟନ ବ୍ୟବସ୍ଥାରେ ଅନିୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଧବା, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଜଳସେଚନ, ରାସ୍ତାଘାଟ, ସୋସୋ ପଂଚାୟତର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ସିଆରପି, ଏମ୍‌ବିକେ ବ୍ୟାଙ୍କ ମିତ୍ର ଭଳି ନିଯୁକ୍ତିରେ ଅନିୟମିତତାକୁ ନେଇ ୧୪୩ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳଙ୍କ ଦ୍ୱାରା କରାଯାଇଥିଲା । ମୁଖ୍ୟତଃ ଆନନ୍ଦପୁର ଜିଲ୍ଲା ମାନ୍ୟତା ଦାବିରେ ଆନନ୍ଦପୁର ବିକାଶ ମଞ୍ଚ ପକ୍ଷରୁ ଏକ ଦସ୍ତଖତ ଅଭିଯାନ ସହିତ ବିକାଶ ମଂଚର ସଭାପତି ରମାକାନ୍ତ ନାୟକ, ମହେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ମଦନ ପାଣି, ଓକିଲ ସଂଘ ସଭାପତି ଦୟାନିଧି ଦାସ, ଆଇନଜୀବୀ ଭାଗିରଥି ଦାସ, ସତ୍ୟାନନ୍ଦ ମିଶ୍ର, ସାମ୍ବାଦିକ ଲଲାତେନ୍ଦୁ ଧୀର, ସନ୍ତୋ, ରାଉତ ପ୍ରମୁକ ଜିଲ୍ଲା ଦାବିରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଆନନ୍ଦପୁର ପୌରପରିଷଦର ଅଧ୍ୟକ୍ଷା ଓ ପୌରଅଧିକାରୀଙ୍କ ମଧ୍ୟରେ ଆନନ୍ଦପୁରର ଉନ୍ନତି ମୂଳକ ଟେଣ୍ଡରକୁ ନେଇ ନିର୍ବାଚିତ ପ୍ରତିନିଧିମାନେ ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇଙ୍କ ନେତୃତ୍ୱରେ ସମସ୍ତ କାଉନସିଲରମାନେ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ଉକ୍ତ ଦାବିପତ୍ରକୁ ୭ଦିନ ମଧ୍ୟରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଜନଶୁଣାଣୀରେ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଦ୍ୱାରା ହାଟଡିହି ବ୍ଲକର ୩୭ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରାୟ ସାଇକେଲ ବ୍ଟନ କରାଯାଇଥିଲା । ହାଟଡିହି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିତା ବିଜୟିନୀ ଜନଶୁଣାଣୀ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଏହି ଜନଶୁଣାଣିରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଓ ନନ୍ଦିପଦା ଥାନାଧିକାରୀ ଗଗନ ବିଶ୍ୱାଳ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

ଛିଡା ହୋଇଥିବା ଟ୍ରକ୍‌କୁ ଧକ୍କା ଦେଲା ବାଇକ, ୨ ମୃତ

ଢେଙ୍କିକୋଟ,(ପି.ଏନ):ଢେଙ୍କିକୋଟ ଫାଣ୍ଡି ୨୦ନଂ ଜାତୀୟ ରାଜପଥ ବିଦେଶୀ ମଦ ଦୋକାନ ସମ୍ମୁଖରେ ଛିଡୋ ହୋଇଥିବା କେ ଆଇରନ ବୋଝେଇ ଟ୍ରକକୁ ଏକ ଦ୍ରୁତଗାମୀ ବାଇକ ଧକ୍କା ଦେବା ଫଳରେ ବାଇକରେ ଡିବା ଦୁଇଜଣଙ୍କ ମୃତ୍ୟ ହୋଇଯାଇଛି । ମୃତକ ଦୁହେଁ ହେଲେ ଘଟଗାଁ ଥାନା ମୁକୁନ୍ଦପୁରପାଟଣା ଗ୍ରାମର ନରହରି ସେଠୀଙ୍କ ପୁତ୍ର ଲୁଲୁ ସେଠୀ (୨୬) ଏବଂ ଅନ୍ୟ ଜଣେ ଟମକା ଥାନା ଅଂଚଳର ନାଣ୍ଡୁ ମହାରଣାଙ୍କ ପୁତ୍ର ପ୍ରତାପ ମହାରଣା (୨୫) ବୋଲି ଜଣାପଡିଛି । ଦୁହେଁ କେନ୍ଦୁଝରରୁ କାମସାରି ଘଟଗାଁକୁ ବାଇକ୍ ଯୋଗେ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ହୋଇଥିଲା । ମୃତକ ଲୁଲୁ ସେଠିଙ୍କର ଘଟଗାଁ ମନ୍ଦିର ସମ୍ମୁଖରେ ଏକ ଭୋଗ ଦୋକାନ ରହିଥିବା ବେଳେ ଅନ୍ୟ ମୃତକ ପ୍ରତାପ ମହାରଣା ସେହି ଦୋକାନରେ କାମ କରୁଥିଲେ । ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ତରଣିସେନ ବାଗ୍ ମୃତକ ଦୁହିଁଙ୍କୁ ଡାକ୍ତର ଖାନା ପଠାଇ ଟ୍ରକ୍ ଓ ବାଇକ୍‌କୁ ଜବତ କରିଛନ୍ତି । ଦୁହିଁଙ୍କ ମୃତ୍ୟୁ ଯୋଗୁଁ ଘଟଗାଁ ଅଂଚଳରେ ଛୋକର ଛାୟା ଖେଳିଯାଇଛି ।

ମା' ଅମ୍ବିକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପଣ୍ଡାପଡା,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡା ଗ୍ରାମ ପଂଚାୟତ ପଣ୍ଡାପଡା ଗ୍ରାମରେ ମା' ଅମ୍ବିକା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ସୁନାଟାଙ୍ଗିରୀ ପଂଚାୟତର ସରପଂଚ ଦେବେନ୍ଦ୍ର ନାଏକ, କୁମାର ସାହୁ, ବିଶ୍ୱନାଥ ବେହେରା, ନିରନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଏହା ୧୦ ଓଭର ବିଶିଷ୍ଟ ଖେଳାଯିବ । ପ୍ରଥମ ପୁରସ୍କାର ଭାବେ ୨୦ ହଜାର ଏବଂ ଦ୍ୱିତୀୟ ପୁରସ୍କାର ୧୫ହଜାର ଟଙ୍କା ରଖାଯାଇଛି । ମା' ଅମ୍ବିକା କ୍ଲବର ସଭାପତି ଟିଟୁନ୍ ପେଲଇ, ସମ୍ପାଦକ ସନ୍ତୋଷ ସାହୁଙ୍କ ସହ ଅନ୍ୟ ସଦସ୍ୟମାନେ ଏଥିରେ ସହଯୋଗ କରି ଖେଳ ପରିଚାଳନା କରୁଛନ୍ତି ।

ରଧାନମନ୍ତ୍ରୀ ଜନ କଲ୍ୟାଣକାରୀ ଯୋଜନାର ଆଖିବୁଜା ହରିଲୁଟ ଅଭିଯୋଗ : ଲୋକଙ୍କ ହକ ପାଇଁ ଲଢ଼ିବ ବିଜେପି : ସମ୍ପଦ

ପାରାଦୀପ,(ପି.ଏନ):ପାରାଦୀପ ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ରେ ବ୍ୟାପକ ଅନିୟମିତତା ଓ ହରିଲୁଟ ହେଉଥିବା ଅଭିଯୋଗ କରିଛି ବିଜେପି କ୍ଷ ଜନସାଧାରଣ ଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟ ସଡକ ବିକାଶ, ପ୍ରତ୍ୟେକ ଘରକୁ ଜଳ ଯୋଗାଣ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚଙ୍କିକିଆ ଚାଉଳ ଯୋଗାଇ ଗରିବଙ୍କୁ ଅନାହାରରୁ ମୁକ୍ତି, ମିଶନ ଶକ୍ତି ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠି ଗଠନ, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ, ଶିଶୁ ମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ର ଓ ଆଶା କର୍ମୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ କଲ୍ୟାଣ ସମିତି ଗଠନ, ପ୍ରଧାନମନ୍ତ୍ରୀ ଫସଲ ବୀମା ସହ କିଷାନ ନିଧି ଯୋଜନାକୁ ସୁନିଶ୍ଚିତ କରିବା ଇତ୍ୟାଦି ଏପରି ଅନେକ ଯୋଜନା ରେ ହେରାଫେରୀ ହେଉଥିବା ଅଭିଯୋଗ କରି ଏହି ସୁବିଧା ଯେପରି ପ୍ରକୃତ ହିତାଧିକାରୀ ମାନଙ୍କ ପାଖରେ ପହଞ୍ଚିବ ବିଜେପି ସେ ଦିଗରେ ତାର ସଂଗ୍ରାମ ଜାରି ରଖିବ ବୋଲି କହିଛନ୍ତି ବିଜେପି ନେତା ସମ୍ପଦ ସ୍ୱାଇଁ । ତେବେ ହିତାଧିକାରୀ ମାନଙ୍କ ହକ ପାଇଁ ଲଢେଇ ଜୋରଦାର କରିବାକୁ ନିଷ୍ପତି ନିଆଯାଇଥିବା ବିଜେପି ଦଳ ପକ୍ଷରୁ ପାରାଦୀପ ଦଳୀୟ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏଥିସହ ପ୍ରତ୍ୟେକ ମାସର ୧ ଓ ୧୫ ତାରିଖରେ କୁଜଙ୍ଗ ଜନ ସମ୍ପର୍କ କାର୍ଯ୍ୟାଳୟରେ ହିତାଧିକାରୀ ନିଜ ନିଜ ଅଭିଯୋଗ ସହ ପହଞ୍ଚିବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ପାରାଦୀପ ବିଜେପି ନେତା ସମ୍ପଦ ସ୍ୱାଇଁ ଙ୍କ ସମେତ ବିଜେପି ଜିଲ୍ଲା ଉପସଭାପତି ଅରକ୍ଷିତ ଦାସ, ଯୁବମୋର୍ଚ୍ଚା ପଙ୍କପାଳ ସଭାପତି ବିଶ୍ୱଜିତ ଦାସ, ରାହାମା ସଭାପତି ପ୍ରସନ୍ନ ସ୍ୱାଇଁ ଓ ପାରାଦୀପଗଡ ସଭାପତି ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦୁଝର ଜିଲ୍ଲା ଆମ୍ ଆଦମୀ ପାର୍ଟିର କାର୍ଯ୍ୟକାରିଣୀ ସମୀକ୍ଷା ବୈଠକ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲା ଆମ୍ ଆଦମୀ ପାର୍ଟିର ଜିଲ୍ଲା ଆବାହକ ମେଘନାଥ ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରିଣୀ ସମୀକ୍ଷା ବୈଠକ ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆମ୍ ଆଦମୀ ପାର୍ଟିର ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗ ଦେଇ ଜିଲ୍ଲାର ବିଭିନ୍ନ କର୍ମକର୍ତ୍ତାଙ୍କ ସହ ଦଳର ସଂଗଠନ ଓ ସମସ୍ୟା ବାବଦରେ ଆଲୋଚନା କରିବା ସହ ଆଗକୁ କିପରି ଦଳ ପଂଚାୟତ ଠାରୁ ବୁଥ୍ ସ୍ତରରେ ଏବଂ ବିଭିନ୍ନ ମୁନିସିପାଲଟି ଓ ଏନ୍‌ଏସିରେ ସୁଦୃଢ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବୁଥ୍ ସ୍ତରରେ ବିଜୁଳୀ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଭିନ୍ନ ସମସ୍ୟା କଥା ବୁଝିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସଂଯୋଜକ ଜୈନୁଲ ଆବେଡିନ, ଜିଲ୍ଲା ସଂଗଠନ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ଜିଲ୍ଲା ସମ୍ପାଦକ ଶୁଭଙ୍କର ମହାନ୍ତି, ରମ୍ୟ ରନ ଖଣ୍ଡୁଆଲ, ଜିତେନ୍ଦ୍ର ପଣ୍ଡା, ସୁଶାନ୍ତ କୁମାର ନାଏକ, ଜିଲ୍ଲା ଯୁବ ସଂଯୋଜକ ହେମନ୍ତ ମହାନ୍ତ, ଜିଲ୍ଲା ଯୁବ ଉପସଭାପତି ଦୀପୁ ମହାନ୍ତ, ସୁଧୀର ମହାନ୍ତ, ଟଙ୍କଧର ଜେନା, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଖଗେଶ୍ୱର ମହାନ୍ତ, ଅଭିରାମ ମୁଣ୍ଡା, ଜୟକୃଷ୍ଣ ନାଏକ, ଧନେଶ୍ୱର ମହାନ୍ତ, ମନୋରନ ପଲେଇ, ଅଜୟ ସେଠୀ, ହରିହର ମହାନ୍ତ,ଟେନ୍ଦ୍ରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

ଘଷିପୁରା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସକ୍ରିୟ ମଣ୍ଡଳ ଓ ସଶକ୍ତ ବୁଥ୍ ଗଠନ କର୍ମଶାଳା

ଘଷିପୁରା,(ପି.ଏନ):ଘଷିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆନନ୍ଦପୁର ବ୍ଲକର ଧକୋଠା ପଂଚାୟତର ୮ଟି ବୁଥ୍‌ର ବୁଥ୍ କମିଟି ଗଠନ ସମ୍ପର୍କିତ ସାଙ୍ଗଠନିକ ସଭା ଧକୋଠାର ଜଳନଣ୍ଡା ଠାରେ ମଣ୍ଡଳ ସଭାପତି ହେମନ୍ତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଜେପିର ଗୁରୁତ୍ୱପୂର୍ଣ୍ଣ ନାରା ମୋ ବୁଥ୍ ସବୁଠୁ ମଜଭୁତ ହିଁ ୨୦୨୪ ନିର୍ବାଚନରେ ବିଜେପିକୁ ଓଡିଶାରେ କ୍ଷମତାସୀନ କରାଇବ ବୋଲି ମଞ୍ଚାସୀନ ନମାମିଗଙ୍ଗେର ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ କେନ୍ଦୁଝର ଜିଲ୍ଲା ବୁଦ୍ଧିଜୀବୀ ସେଲ୍ ସଂଯୋଜକ ଡ. ଶମ୍ଭୁନାଥ ରାଉତ ମତବ୍ୟକ୍ତ କରିଥିଲେ । ବୁଥ୍ କମିଟି ଗଠନରେ ୮ଟି ବୁଥ୍ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରମୁଖ କାର୍ଯ୍ୟକର୍ତ୍ତା ବିଜୟ କୁମାର ପାତ୍ର, ପଦ୍ମନାଭ ମହାନ୍ତ, ଛବି ନାଏକ, ଶେଷନାଥ ଖିଲାର,ହରିହର ସାହୁ, ଦୀନବନ୍ଧୁ ଶଙ୍ଖୁଆଳ, ନିରଂଜନ ନାଏକ ପ୍ରମୁଖ ଭାଗ ନେଇଥିବା ବେଳେ ବିଭିନ୍ନ ବୁଥ୍‌ରୁ ୧୬୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଅଂଶଗ୍ରହଣ କରିଥିଲେ ।

ଯୁବ ନେତା ସ୍ୱର୍ଗତ ମହେନ୍ଦ୍ର ପରିଡାଙ୍କ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା

ପାରାଦୀପ,(ପି.ଏନ): ବିଜୁ ଯୁବ ଜନତା ଦଳର ଯୁବ ନେତା ତଥା ଜଗତସିଂହପୁର ସାଂସଦଙ୍କ ପ୍ରତିନିଧି ମହେନ୍ଦ୍ର ପରିଡା(ପପୁ)ଙ୍କର ଗତ ୧୬ ତାରିଖ ଦିନ ଅକାଳ ବିୟୋଗ ଘଟିଥିଲା । ତାଙ୍କର ଏହି ଅକାଳ ବିୟୋଗ ପରେ ସୋମବାର ଦିନ ପାରାଦୀପ ନଗର ବିଜେଡି ପକ୍ଷରୁ ଏକ ଶୋକ ସଭା ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଆୟୋଜିତ ହୋଇଥିଲା । ଏହି ଶୋକ ସଭାରେ ସଭାପତିତ୍ୱ କରିଥିଲେ ଯୁବ ବିଜେଡି ସଭାପତି ଆଲୋକ କୁମାର ମହାପାତ୍ର । ନଗର ବିଜେଡି ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲା ବିଜେଡି ଉପସଭାପତି କୁମରବର ନାୟକ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ସମ୍ପାଦକ ଶଙ୍କର ପ୍ରସାଦ ରାଉତ, ମହିଳା ବିଜେଡି ନେତ୍ରୀ ଚପଳା ସ୍ୱାଇଁ, ନଳିନୀ ପ୍ରଭା ସାହୁ,ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ,ବିଶ୍ୱନାଥ ବଳ,ବିଶ୍ୱଜିତ ରାଉତ, ବିଜୟ ମହାନ୍ତି,ପୂର୍ବତନ ପାରିଷଦ ମନୋଜ ବେହେରା, ସୁଶୀଲ ମହାପାତ୍ର, ନଗେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇ ଶ୍ରୀ ପରିଡାଙ୍କ ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ ।

ବିନିଦା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୯ତମ ବାର୍ଷିକ ଉତ୍ସବ

ଢେଙ୍କିକୋଟ,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ବିନିଦା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ପରିସରସ୍ଥ ସମାଧି ମଣ୍ଡପ ଠାରେ ପୂଷ୍ପାର୍ପଣ ଓ ଧ୍ୟାନ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଳୁ ମାତୃପ୍ରେମୀ ଓ ଛାତ୍ରଛାତ୍ରୀଙ୍କ ସମାବେଶରେ ଶିକ୍ଷାକେନ୍ଦ୍ରର ୩୯ତମ ବାର୍ଷିକ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ସଙ୍ଗୀତ ଗାନ ପରେ ଋଷି ଚାଣକ୍ୟଙ୍କ ଏକ ଶ୍ଳୋକ ଗାନ କରାଯାଇ ଆଧ୍ୟାତ୍ମିକ ଆଲୋଚନା ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଂଚ କୋଇଲି ଜୁଆଙ୍ଗ, ସମିତିସଭ୍ୟ ସତ୍ୟବ୍ରତ ବାରିକ, ପରିଚାଳନା ଟ୍ରଷ୍ଟି ଶ୍ରୀଧର ଖଣ୍ଡା, ଦୟାନିଧି ମହାପାତ୍ର, ଗୌରାଙ୍ଗ ମହାନ୍ତ, ଗୁରୁଚରଣ ମହାକୁଡ ପ୍ରମୁଖ ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବିନିଦା ହାଇସ୍କୁଲର ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ପାଠଚକ୍ର ସଂଗଠକ ବିନୋଦ ବଳ ଓ ଗତିକୃଷ୍ଣ ଦଳାଇ ଯୋଗ ଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ । ଘଟଗାଁ ପାଠଚକ୍ର ସଂଯୋଜକ ଗୋଲକ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷା ଆରତୀ ଆପା ଓ ପପୁ ଭାଇ ନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରଣ କରିଥିବା ସିନିୟର ବର୍ଗରୁ ସ୍ୱାଗତ କୁମାର ନାଏକ, ସୁକନ୍ୟା ବେହେରା, ଜୁନିୟର ବର୍ଗରୁ ଜଗନ୍ନାଥ ମହାପାତ୍ର, ଆଲିଶା ବାରିକ ଏବଂ ଉତ୍ତମ ଛାତ୍ର ଭାବେ ହରେକୃଷ୍ଣ ମୁଣ୍ଡା, ସମୀତ୍ ନାୟକ, ସିନୁ ମାନସିଂହ, ରିତୁ ମହାପାତ୍ର ଓ କାଜନ ମୁଣ୍ଡାଙ୍କ ସହିତ ସୁଶ୍ରୀ ସୁତିଷ୍ଠୀ ସିଂହଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray